

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୯୬ ଭୁବନେଶ୍ୱର ଶୁକ୍ରବାର, ଡ଼ିସେମ୍ବର ୧୩.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.96 Bhubaneswar, Friday, December 13, 2024


## ଡିସେମ୍ବର ଅଧା ହେଲାଣି

### ରାଜ୍ୟରେ ଧିରେ ଧିରେ ବଢୁଛି ଶୀତ

ଭୁବନେଶ୍ୱର, ୧୨/୧୨: ଯଦିଓ ବିଳମ୍ବ ହେଲାଣି ତଥାପି ଧୀରେଧୀରେ ବଢୁଛି ଶୀତ । ରାଜ୍ୟରେ ଶୁଖିଲା ପାଗ ସହ ତାମପାତ୍ରା କମିଛି । ଗତକାଲିଠୁ ପୂର୍ବାପେକ୍ଷା ଶୀତ ବଢିଛି । ଆଗାମୀ ଦିନରେ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ କମିବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରଭାବ ଅଧିକ ରହିବ । କିଛି ଜିଲ୍ଲାରେ ହାଲୁକା କୁହୁଡ଼ି ପଡ଼ିବା ନେଇ ବି ଆଲର୍ଟ ଜାରି କରିଯାଇଛି । ଏଥିପାଇଁ ଜଗତସିଂହପୁର ,କଟକ, ଝାରସୁଗୁଡା, କନ୍ଧମାଳ, କଳାହାଣ୍ଡି,ଖୋର୍ଦ୍ଧା ,କଟକ ଓ ସୁନ୍ଦରଗଡକୁ ସତର୍କ କରିଛି ପାଣିପାଗ ବିଭାଗ । ସେପଟେ ଗତ କେତେଦିନ ତଳେ ଟ୍ୱିନ୍? ସିଟିରେ କୋହଲା ପାଗ ଦେଖିବାକୁ ମିଳିଥିଲା । ଖୋର୍ଦ୍ଧା, କଟକ, ଢେଙ୍କାନାଳ, ପୁରୀ, ଯାଜପୁରରେ କୋହଲା ପାଗ ଦେଖିବାକୁ ମିଳିଥିଲା । ରାଜଧାନୀ ଭୁବନେଶ୍ୱର ସହ କଟକର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଲାଗି ରହିଥିଲା । ଏପଟେ ଠିକ୍ ଅମଳ ବେଳକୁ ଧୋକା ଦେଇଛି ଅଦିନିଆ ବର୍ଷା । ଜମିରେ ଧାନ କଟା ହୋଇ ପଡ଼ିଥିବା ବେଳେ ହଠାତ ଅଦିନିଆ ଲଗାଣ ବର୍ଷାରେ ଭିଜି ଯାଇଛି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଏକର ଏକର ଧାନ ଫସଲ । ଫଳରେ ବର୍ଷାରେ ବତୁରି ଯାଇଛି ଶହ ଶହ ଚାଷୀଙ୍କ ସ୍ୱପ୍ନ ଓ ବୃଥା ଯାଇଛି ପରିଶ୍ରମ । ଶହ ଶହ ହେକ୍ଟର ଜମିରେ ଧାନ ଏବେ ଓଦା ପଡ଼ିଥିବା ବେଳେ ଆଗକୁ ଭଲ ମାନର ଧାନ କେମିତି ଅମଳ ହେବ, ଏବଂ କିଭଳି ଉଚିତ ମୂଲ୍ୟ ମିଳିବ ତାକୁ ନେଇ ଚିନ୍ତାରେ ଚାଷୀ । ଦରକାର ବେଳେ ଦେଖାନଥିଲା, ଏବେ ଠିକ୍ ଅମଳ ସମୟରେ ଧୋକ୍କା ଦେଲା । ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଏକର ଏକର ଉଜୁଡ଼ା ଖେତକୁ ଦେଖିବା ପରେ ଅଦିନିଆ ବର୍ଷା ଉପରେ ଚାଷୀଙ୍କ କୋହଭରା ଅଭିଯୋଗ । କିଏ ପାଚିଲା ଧାନ କାଟି କ୍ଷେତରେ ଶୁଖାଇଛି, ତ ଆଉ କିଏ ପାକଳ ଧାନକୁ କାଟିବା ଅପେକ୍ଷାରେ । କିନ୍ତୁ ଠିକ୍ ଏହି ସମୟରେ ଚାଷୀଙ୍କୁ ଧୋକ୍କା ଦେଇଛି ଅଦିନିଆ ବର୍ଷା । ଗଲା ୨ରୁ ୩ ଦିନ ଧରି ଝିପି ଝିପି ଲଗାଣ ବର୍ଷା ପରେ ଗଜା ହୋଇଛି ଅଧିକାଂଶ ଚାଷୀଙ୍କ ଅମଳ ଧାନ । କାହାର କ୍ଷେତରେ ତ ଆଉ କାହାର ଖଳାରେ । ତେଣୁ ଏଭଳି ଅବସ୍ଥାରେ ଓଦା ଧାନକୁ ଶୁଖାଇ ଅମଳ ପରେ ଧାନର FAQ ମାନ କେମିତି ବଜାୟ ରହିବ ଓ ମୂଲ୍ୟ ମିଳିବ କି ନାହିଁ, ତାକୁ ନେଇ ଆଶା ଆଶଙ୍କାରେ ଚାଷୀ । ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ୧.୭୯ ହେକ୍ଟର ଜମିରେ ହୋଇଥିଲା ଧାନ ଚାଷ ।

# କଳିଙ୍ଗ ଷ୍ଟାଡିଅମରେ ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୧୨/୧୨: ଆଜି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତ ଗୋପୀଚନ୍ଦ ଓଡିଶା ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ଏବଂ ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ଶ୍ରୀ ପୁଲେଲା ଗୋପୀଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ୭୭ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ଇଣ୍ଡୋର ହାଇ ପରଫରମାନ୍ସ ସେଣ୍ଟରରେ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହିତ ୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡମିଣ୍ଟନ କୋର୍ଟ ରହିଛି । ଏଥିରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନର ସୁବିଧା କରାଯାଇଛି । ଏଥିସହିତ ଏହି ସେଣ୍ଟରରେ ୩୬ ଜଣ ଖେଳାଳୀ ରହିଲା ଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ମଧ୍ୟ ବିକଶିତ କରାଯାଇଛି । ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ସହିତ ଏହି ସେଣ୍ଟରଟିକୁ ବ୍ୟାଡମିଣ୍ଟନ ସଟଲକକ୍ ସଦୃଶ୍ୟ ନିର୍ମାଣ କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ପୁଲେଲା ଗୋପୀଚନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ ଏବଂ ଡାଲମିଆ ଭାରତ ଗ୍ରୁପର ସହଯୋଗରେ ଭୁବନେଶ୍ୱରରେ ଏହି ସେଣ୍ଟର ପ୍ରତିଷ୍ଠା ଦ୍ୱାରା ଓଡିଶାର ଯୁବ ବ୍ୟାଡମିଣ୍ଟନ ଖେଳାଳୀ ମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି ହେଲା । ଆମ ଦେଶର ଯୁବ ବ୍ୟାଡମିଣ୍ଟନ ଖେଳାଳୀ ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ । ସେମାନେ ସେମାନଙ୍କର ଅଦମ୍ୟ ପ୍ରଚେଷ୍ଟା ବଳରେ କ୍ରୀଡା କ୍ଷେତ୍ରରେ ବିଶ୍ୱ ମଞ୍ଚରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଦେଶକୁ ଗୌରବାନ୍ୱିତ କରିଛନ୍ତି । ଆଜି ଉଦ୍ ?ଘାଟିତ ହୋଇଥିବା ଏହି ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟରରେ ଉତ୍ତମ ପ୍ରଶିକ୍ଷଣ ସହ ଖେଳାଳୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ରହିଛି । ଆଗାମୀ ଦିନରେ ବ୍ୟାଡମିଣ୍ଟନ ଜଗତରେ ଓଡିଶା ବିଶ୍ୱ ମଞ୍ଚରେ ଏହି ସେଣ୍ଟର ଜରିଆରେ ପରିଚିତ ହେବ ବୋଲି ସେ କହିଥିଲେ । ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା, ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ପଦ୍ମଭୂଷଣ ପୁଲେଲା ଗୋପୀଚନ୍ଦ ଏବଂ ଡାଲମିଆ ଭାରତ ଗ୍ରୁପର ସିଇଓ ଶ୍ରୀ ପି.ୱାଇ ଡାଲମିଆ ଓ ଏମ୍.ଡି ଶ୍ରୀ ଗୌତମ



ଡାଲମିଆଙ୍କ ସହଯୋଗ ଓ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା କହିଥିଲେ ଯେ ଏହି ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର କେବଳ ଭାରତବର୍ଷ ପାଇଁ ନୁହେଁ, ବିଶ୍ୱ କ୍ରୀଡା ଜଗତ ପାଇଁ ଏକ ଉଲ୍ଲେଖନୀୟ ମାଇଲ ଷ୍ଟୋନ । ଏହି ସେଣ୍ଟର ଭାରତରେ ବ୍ୟାଡମିଣ୍ଟନ ଖେଳକୁ ନୂଆ ଶିଖରକୁ ନେବ । ଏହି ସେଣ୍ଟର ପ୍ରତିଷ୍ଠାରେ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ସେ ଓଡିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଭାରତ ବର୍ତ୍ତମାନ କ୍ରୀଡାର ପାୱାର ହାଉସ୍‌ରେ ପରିଣତ ହୋଇଛି । କ୍ରୀଡାକୁ ନେଇ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଏହି ସେଣ୍ଟର ଆଗାମୀ ଦିନରେ ତାହା ପୂରଣ କରିବାରେ ସହାୟକ ହେବା ସହିତ ଓଡିଶାରେ ବ୍ୟାଡମିଣ୍ଟନ ଖେଳର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଆମ ଦେଶରେ ଉଭୟ ସରକାର ଓ ଜନସାଧାରଣଙ୍କ ମିଳିତ ସହଯୋଗରେ କ୍ରୀଡାର ବିକାଶ ହେଉଛି ବୋଲି ସେ କହିଥିଲେ । ଏହି ସେଣ୍ଟର ପାଇଁ ଓଡିଶା ସରକାରଙ୍କୁ ଧନ୍ୟବାଦ ଦେଇ ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ଶ୍ରୀ ପୁଲେଲା ଗୋପୀଚନ୍ଦ ଓଡିଶାରେ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାରଙ୍କର ପ୍ରଗତିଶୀଳ ଚିନ୍ତାଧାରାର ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଆଗାମୀ ଦିନରେ ଏହି କେନ୍ଦ୍ରରୁ ଅନେକ ପ୍ରତିଭାବାନ୍ ଖେଳାଳୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ କରିବେ । କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ । ଡାଲମିଆ ଭାରତ ଗ୍ରୁପର ସିଇଓ ଶ୍ରୀ ପି.ୱାଇ ଡାଲମିଆ ମଧ୍ୟ ତାଙ୍କ ଅଭିଭାଷଣରେ ଓଡିଶାରେ କ୍ରୀଡାର ବିକାଶ ପାଇଁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀ ସରୋଜ ପ୍ରଧାନ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ, ଭାରତ ଡାଲମିଆ ଗ୍ରୁପର ଏମ୍‌ଡି ଶ୍ରୀ ଗୌତମ ଡାଲମିଆ ଏବଂ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ଶ୍ରୀ ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ‘ଭାରତୀୟ ଭାଷା ଉତ୍ସବ’

# ମାତୃଭାଷାର ବିକଳ୍ପ ହୋଇପାରିବନି ଇଂରାଜୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨/୧୨: ଆଜିକାଲିର ପିଲାମାନେ ଇଂରାଜୀ ଭାଷାକୁ ଯୋଗାଯୋଗର ଏକ ମାଧ୍ୟମ ଭାବେ ବ୍ୟବହାର ନ କରି, ଇଂରାଜୀ କହିବାକୁ ଏକ ଫେସନ୍ ଭାବେ ଗ୍ରହଣ କରୁଛନ୍ତି । ଇଂରାଜୀ ମାଧ୍ୟମରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ଓଡ଼ିଆ ଭାଷା ପଢ଼ିବାରେ ଅକ୍ଷମ । ଏହା ଅତ୍ୟନ୍ତ ଦୁଃଖର ବିଷୟ । ଇଂରାଜୀ ଓ ହିନ୍ଦୀ ଆମ ପାଇଁ ଏକ ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ । କିନ୍ତୁ, ଏହା କେବେ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ । ତେଣୁ ରାଜ୍ୟ ସରକାର ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦେଇ କାମ ଆରମ୍ଭ କରିଛନ୍ତି । ସରକାରୀ ଫାଇଲ୍‌କୁ ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନେକ ବିଭାଗରେ ଓଡ଼ିଆ ଭାଷାରେ ଫାଇଲ୍ କାମ ଆରମ୍ଭ ହୋଇଛି । ତାମିଲ୍ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଭାରତୀୟ ଭାଷା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଲେ, ଏହା କେବଳ ଏକ ଉତ୍ସବ ନୁହେଁ, ଆମ ସଂସ୍କୃତି ଓ ଗୌରବର ପ୍ରତୀକ । ଭାଷାଭିତ୍ତିକ ବିବିଧତା ହେଉଛି



ଆମର ସର୍ବଶ୍ରେଷ୍ଠ ଶକ୍ତି । ଏହାକୁ କାୟ ମନୋବାକ୍ୟରେ ଅନୁସରଣ କରି ଆମେ ଆଗକୁ ଯିବାର ସ୍ୱପ୍ନ ଦେଖିବା ହିଁ ଆଜିର ଆବଶ୍ୟକତା । ସ୍ୱର୍ଗତ ଭାରତୀ ଯଦିଓ ତାମିଲ ସାହିତ୍ୟକୁ ନିଜ ପ୍ରତିଭା ବଳରେ ସାରସ୍ୱତ ସାଧନାରେ ଉଦ୍‌ବୁଦ୍ଧ କରିଛନ୍ତି, ସେ ଅନ୍ୟାନ୍ୟ ଭାରତୀୟ ଭାଷାକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି । ନିଜର ସାହିତ୍ୟ ମାଧ୍ୟମରେ ସମାଜ ସଂସ୍କାର ଉପରେ ଗୁରୁତ୍ୱାରୋପ କରୁଥିଲେ । ସମାନତା, ମହିଳା ସଶକ୍ତିକରଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଜରିଆରେ ଏକ ପ୍ରଗତିଶୀଳ ଭାରତ ଗଠନ ପାଇଁ ଉଦ୍ୟମ କରୁଥିଲେ । ନିଜର ବଳିଷ୍ଠ ଲେଖା ମାଧ୍ୟମରେ ସେ ଯୁବ ସମାଜ ମଧ୍ୟରେ ଜାତୀୟତାର ଭାବ ଉଦ୍ରେକ କରି ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରଣା ଦେଉଥିଲେ । ତାଙ୍କ ଚିନ୍ତାଧାରା ତତ୍‌କାଳୀନ ସମୟଠାରୁ ଯଥେଷ୍ଟ ଆଗରେ ଥିଲା । ଆମ ଯୁବ ସମାଜ ପାଖରେ ସୁବ୍ରମଣ୍ୟ ଭାରତୀଙ୍କ ଜୀବନୀରୁ ଯଥେଷ୍ଟ କିଛି ଶିଖିବାର ସୁଯୋଗ ରହିଛି ବୋଲି ସେ କହିଥିଲେ । ବରପୁତ୍ରଙ୍କୁ ସମ୍ମାନ ପ୍ରଦାନ ସମ୍ପର୍କରେ ସେ କହିଲେ, ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଏକ ବର୍ଷବ୍ୟାପୀ ଜୟନ୍ତୀ ପାଳନ, ଗୋଦାବରୀଶ ମିଶ୍ରଙ୍କ ନାମରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପରି ଅନେକ କାର୍ଯ୍ୟକ୍ରମ ହାତକୁ ଏବେ ନିଆଯାଇଛି । ଭାଷା ସର୍ବଦା ଆମ ସଂସ୍କୃତି, ଇତିହାସ ଓ ପରମ୍ପରାର ସଂରକ୍ଷଣ କରି ଆସୁଛି । ଓଡ଼ିଆ, ଷଷ୍ଠ ଭାରତୀୟ ଭାଷା ଭାବେ ଏକ ସ୍ୱତନ୍ତ୍ର ଓ ଅନ୍ୟଭାଷା ଦ୍ୱାରା ପ୍ରଭାବିତ ହୋଇ ନ ଥିବା ଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷାକୁ ପାଠ୍ୟକ୍ରମରେ ସାମିଲ କରିବାକୁ କୁହାଯାଇଛି । ଏଥିରେ ମାତୃଭାଷା ଓ ଆଞ୍ଚଳିକ ଭାଷାକୁ ଶିକ୍ଷା ମାଧ୍ୟମରେ ପ୍ରୋତ୍ସାହିତ କରିବାର ବ୍ୟବସ୍ଥା ରହିଛି । ବିଦ୍ୟାର୍ଥୀଙ୍କୁ ଡାକ୍ତରୀ ଓ ବୈଷୟିକ ଶିକ୍ଷା ଭଳି କଠିନ ପାଠ୍ୟକ୍ରମକୁ ଆଞ୍ଚଳିକ ଭାଷାରେ ପଢ଼ିବାର ସୁଯୋଗ ପ୍ରଦାନ କରୁଛନ୍ତି । ମାତୃଭାଷା ଓ ଆଞ୍ଚଳିକ ଭାଷା ସଂରକ୍ଷଣ ପାଇଁ ଆମେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଭାଷା ଆମ ସଂସ୍କୃତି, ଐତିହ୍ୟ ଓ ଚିନ୍ତାଧାରାକୁ ପ୍ରତିଫଳିତ କରେ ବୋଲି ମତବ୍ୟକ୍ତ କରିଥିଲେ । ଉନ୍ନୟନ କମିସନର ଅନୁ ଗର୍ଗ ସ୍ୱାଗତ ଭାଷଣରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ୨୦୩୬ର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ପାଇଁ ନିଜର ଚିନ୍ତାଧାରା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ ।

# ୧୪ଟି ଶିଳ୍ପସଂସ୍ଥାର ୪୦୯୭ କୋଟି ବିଦ୍ୟୁତ ବିଲ୍ ଛାଡ କରିଛି ବିଜେଡି ସରକାର

ଭୁବନେଶ୍ୱର, ୧୨/୧୨:ରାଜ୍ୟର ପୂର୍ବ ବିଜେଡି ସରକାର ୧୪ଟି ଶିଳ୍ପ ସଂସ୍ଥାର ମୋଟ ୪୦୯୭.୬୭କୋଟି ଟଙ୍କାର ବିଦ୍ୟୁତ ଦେୟ ଛାଡ଼ କରିଛନ୍ତି । ଏଥିରେ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଲିମିଟେଡର କେବଳ ୩୫୯୯.୮୮କୋଟି ଟଙ୍କାର



ବିଦ୍ୟୁତ ଶୁଳ୍କ ରହିଛି । ସେହିପରି ରାଜ୍ୟର ୨୩ଟି ଶିଳ୍ପ ସଂସ୍ଥା ଉପରେ ଏବେବି ୧୦୯୬.୩୨କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଦେୟ ବାକି ରହିଛି । ଆଜି ବିଧାନସଭାରେ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଦେଇଥିବା ସୂଚନାରୁ ଏହି ତଥ୍ୟ ଜଣାପଡ଼ିଛି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ୨୦୧୫-୧୬ ଆର୍ଥିକ ବର୍ଷରୁ ରାଜ୍ୟ ଶିଳ୍ପ ନୀତି ଓ ଏସଇଜେଡ୍ ନୀତି ଆଧାରରେ ରାଜ୍ୟ ସରକାର ୧୪ଟି ଶିଳ୍ପ ସଂସ୍ଥାର ୪୦୯୭.୬୭କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ଛାଡ଼ କରିଛନ୍ତି । ଝାରସୁଗୁଡ଼ାର ଭୁରକାମୁଣ୍ଡାସ୍ଥିତ ବେଦାନ୍ତ ଲିମିଟେଡ ଉପରେ ଥିବା ୩୫୯୯.୮୮କୋଟି ଟଙ୍କାର ବିଦ୍ୟୁତ ଶୁଳ୍କକୁ ଏସଇଜେଡ-୨୦୧୫ ନୀତି ଆଧାରରେ ଛାଡ଼ କରାଯାଇଛି । ସେହିପରି ପାରାଦୀପ ଆଇଓସିଏଲ ଉପରେ ୩୧୪.୦୩କୋଟି ଟଙ୍କାର ବିଦ୍ୟୁତ ଶୁଳ୍କକୁ ରାଜ୍ୟ ସରକାର କରିଥିବା ଏମଓୟୁ ଆଧାରରେ ଛାଡ଼ କରିଛନ୍ତି । ବାକି ୧୨ଟି କମ୍ପାନୀର ବିଦ୍ୟୁତ ଶୁଳ୍କକୁ ତତକାଳୀନ ବିଜେଡି ସରକାର ନିଜର ଶିଳ୍ପ ନୀତିରେ ପ୍ରୋତ୍ସାହନ ଦେବା ଆଧାରରେ ଛାଡ଼ କରିଥିବା ଜଣାପଡ଼ିଛି । ସେହିପରି ଚଳିତବର୍ଷ ଅକ୍ଟୋବର ସୁଦ୍ଧା ରାଜ୍ୟର ୨୩ଟି ଶିଳ୍ପ ସଂସ୍ଥା ୍ପରେ ୧୦୯୬.୩୨କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ବକେୟା ରହିଛି । ଏଥିରେ ସର୍ବାଧିକ ତାଳଚେରସ୍ଥିତ ଜିନ୍ଦଲଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ ଉପରେ ୨୮୫.୦୨କୋଟି ଟଙ୍କା, ଯାଜପୁର ଭିସା ଷ୍ଟିଲ ଉପରେ ୨୪୬କୋଟି ଟଙ୍କା, ଢେଙ୍କାନାଳ ଜିଏମଆର କମଳାଙ୍ଗ ଉପରେ ୧୭୯.୩୫କୋଟି ଟଙ୍କା ଓ ଯାଜପୁର ମଇଥାନ ଇସ୍ପାତ ନିଗମ ଉପରେ ୮୫.୩୧କୋଟି ଟଙ୍କା, ସମ୍ବଲପୁର ଶ୍ୟାମ ମେଟାଲିକ୍ସ ଉପରେ ୮୩.୨୫କୋଟି ଟଙ୍କା, ପାରାଦୀପ ଓସ୍ୱାଲ କେମିକାଲ୍ସ ଉପରେ ୭୯.୯୫କୋଟି ଟଙ୍କା, ଯାଜପୁର ଯାଜଦାନି ଷ୍ଟିଲ୍ ଆଣ୍ଡ ପାୱାର ଉପରେ ୧୩.୬୮କୋଟି ଟଙ୍କା ବିଦ୍ୟୁତ ଶୁଳ୍କ ବକେୟା ରହିଛି । ସେହିପରି ବିଦ୍ୟୁତ ବକେୟା ରଖିଥିବା ଓ ଏକକାଳୀନ ସମାଧାନ ଯୋଜନା(ଓଟିଏସ)ର ଲାଭ ଉଠାଇ ୩୬ଟି ଶିଳ୍ପ ସଂସ୍ଥା ନିଜର ୧୩୨୪.୮୩କୋଟି ଟଙ୍କାର ବିଦ୍ୟୁତ ବକେୟା ପରିଶୋଧ କରିଥିବା ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଲିଖିତ ଉତ୍ତରରୁ ଜଣାପଡ଼ିଛି ।

## ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ସମାରୋହ

# ଓଡ଼ିଶାକୁ ମିଳିଲା ସାତ ଜାତୀୟ ପଞ୍ଚାୟତ ପୁରସ୍କାର

ନୂଆଦିଲ୍ଲୀ,୧୨/୧୨: ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନଠାରେ ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ମହାସମରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ୧୫ଟି ବର୍ଗରେ ମନୋନୀତ ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି । ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲୀକୁ ସୁସ୍ଥ ଗ୍ରାମପଞ୍ଚାୟତ ଭାବେ ଦୀନଦୟାଲ ଉପାଧ୍ୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଅଛି । ସେହିପରି ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ସାହାପୁର ପଞ୍ଚାୟତ ସାରା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଓଡ଼ିଶା ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ବ୍ଲକ୍ କେନ୍ଦ୍ରକିଲୋ ପଞ୍ଚାୟତକୁ କାର୍ବନ୍ ନିଉଟ୍ରାଲ ବିଶେଷ ପଞ୍ଚାୟତ ବର୍ଗରେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଅଛି । ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବା ଏହି ପଞ୍ଚାତକୁ ପୁରସ୍କାର ରାଶି ରୂପେ ୭୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଅଛି । ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ୍ ଅନ୍ତର୍ଗତ କଶିରା ଗ୍ରାମପଞ୍ଚାୟତ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରି ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଅଛି । ଏହି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି । ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧିନସ୍ଥ ସର୍ବୋଚ୍ଚ ପ୍ରଶିକ୍ଷଣ ପ୍ରଦାନକାରୀ ପ୍ରତିଷ୍ଠାନ ରୂପେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ପ୍ରତିଷ୍ଠାନ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ବର୍ଗରେ ଏହି ପ୍ରତିଷ୍ଠାନକୁ ମଧ୍ୟ ୭୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି । ଓଡ଼ିଶାର ଛତ୍ରପୁର ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ରୂପେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ରୂପେ ୨ କୋଟି ଟଙ୍କାର ପୁରସ୍କାର ହାସଲ କରିଛି । ସେହିପରି ଜାତୀୟ ସ୍ତରରେ କୋରାପୁଟ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ରୂପେ ୩ କୋଟି ଟଙ୍କାର ପୁରସ୍କାର ହାସଲ କରିଅଛି । ମାନ୍ୟବର କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ




ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂ ‘ପୁରସ୍କାରପ୍ରାପ୍ତ ପଞ୍ଚାୟତଗୁଡ଼ିକର କାର୍ଯ୍ୟ ଉପରେ ଅଭିନବ ଓ ସର୍ବଶ୍ରେଷ୍ଠ ପ୍ରୟାସ ଶ୍ରେଷ୍ଠ ଅଭ୍ୟାସ’ ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚନ କରିଛନ୍ତି । ଜାତୀୟ ପଞ୍ଚାୟତ ପୁରସ୍କାର ମାଧ୍ୟମରେ ପ୍ରଦାନ କରାଯାଉଥିବା ସ୍ୱୀକୃତିର ଉଦ୍ଦେଶ୍ୟ ହେଉଛି ଅନ୍ୟ ପଞ୍ଚାୟତଗୁଡ଼ିକୁ ଶ୍ରେଷ୍ଠ ଅଭ୍ୟାସ ଗ୍ରହଣ କରିବା ସହ ଭାରତର ଗାଁ ଗୁଡ଼ିକରେ ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ଅଧିକ ମଜବୁତ କରି ସଭିଙ୍କୁ ଅନୁପ୍ରାଣିତ କରିବା । ସୂଚନା ଅନୁଯାୟୀ, ଏହି ପ୍ରତିଯୋଗିତାରେ ଦେଶରେ ୧ ଲକ୍ଷ ୯୪ ହଜାର ଗ୍ରାମ ପଞ୍ଚାୟତ ଅଂଶଗ୍ରହଣ କରିଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ପରିପ୍ରେକ୍ଷୀରେ ୯ ଗୋଟି ବିଷୟ ଯଥା: ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ, ସୁସ୍ଥ ଗ୍ରାମପଞ୍ଚାୟତ, ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ, ସବୁଜ ଓ ସ୍ୱଚ୍ଛ ଗ୍ରାମପଞ୍ଚାୟତ, ଆତ୍ମନିର୍ଭରଶୀଳ ଭିତ୍ତିଭୂମିଯୁକ୍ତ ଗ୍ରାମପଞ୍ଚାୟତ, ସାମାଜିକ ରୂପେ ସୁରକ୍ଷିତ ଓ ସାମାଜିକ ନ୍ୟାୟ ସଂଗତ ଗ୍ରାମପଞ୍ଚାୟତ, ସୁଶାସନଯୁକ୍ତ ଗ୍ରାମପଞ୍ଚାୟତ ଓ ମହିଳାଅନୁକୂଳ ଗ୍ରାମପଞ୍ଚାୟତ ବର୍ଗରେ ଏହି ପୁରସ୍କାର ଗୁଡ଼ିକ ପ୍ରତ୍ୟେକ ବର୍ଷ ପ୍ରଦାନ କରଯାଉଅଛି । ଚଳିତ ବର୍ଷ ଓଡ଼ିଶା ମୋଟ୍ ୭ଟି ବର୍ଗରେ ୮ କୋଟି ୫୦ ଲକ୍ଷ ଟଙ୍କା ହାସଲ କରି ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଙ୍କ ବରିଷ୍ଠ ଅଧିକାରୀ ଶ୍ରୀ ଗିରିଶ ଏସ.ଏନ. (କମିଶନର ତଥା ଶାସନ ସଚିବ), ସୁରେନ୍ଦ୍ର କୁମାର ମୀନା (ନିର୍ଦ୍ଦେଶକ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଂଚାୟତ ରାଜ ପ୍ରତିଷ୍ଠାନ) , କିର୍ତ୍ତୀଭାସନ (ଜିଲ୍ଲାପାଳ କୋରାପୁଟ), ଦିବ୍ୟଜ୍ୟୋତି ପରିଡା (ଜିଲ୍ଲାପାଳ ଗଞ୍ଜାମ), ଅମୀତା ପାତ୍ର (ଉପନିର୍ଦ୍ଦେଶକ), ବ୍ରଜ କିଶୋର ପଣ୍ଡା (ଅର୍ଥ ପରିଚାଳକ), ପ୍ରଦୀପ୍ତ କୁମାର ମହାପାତ୍ର (ପ୍ରଶିକ୍ଷକ), ଅମ୍ବୁଜା କୁମାର ବିଶୋଇ (ସୂଚନା-ଶିକ୍ଷା-ସଂଚାର ପରାମର୍ଶ ଦତ୍ତା),ବିମ୍ବାଧର ସେଠୀ (ଯୁଗ୍ମ ସଚିବ) ପ୍ରମୁଖ ଉପସ୍ଥିତ ଥିଲେ ।

# ରଣକ୍ଷେତ୍ର ପାଲଟିଲା ବସ୍ ଟର୍ମିନାଲ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଜେପି କର୍ମୀ ଥାନା ଘେରିଲେ, ୪ ଗିରଫ

ହିଞ୍ଜିଳିକାଟୁ:- ୧୨/୧୨: ବସ୍ ଟର୍ମିନାଲ ପରିସରରେ ଗାଡି ପାର୍କିଂ କରିବା ଏବଂ ପାର୍କିଂ ଫି' ବାବଦକୁ ଅର୍ଥ ମାଗିବା ପଡିଛି ମହଙ୍ଗା । ବସ୍ ଟର୍ମିନାଲ ପରିସରରେ ପାର୍କିଂ ସ୍ଥାନାଭାବ ଦର୍ଶାଇ ପାର୍କିଂ, ଫି ନଦେବା ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ପରେ ହାତାହାତି ହେବା ସହ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣା ଦେଖିବାକୁ ମିଳିଛି । ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ଶତାଧିକ ବିଜେପି କର୍ମୀ ହିଞ୍ଜିଳି ଥାନା ଘେରିଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା ମଙ୍ଗଳବାର ରାତିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଘଟିଥିବା ଦେଖିବାକୁ ମିଳିଛି । ଆକ୍ରମଣରେ ୪ରୁ ଉର୍ଦ୍ଧ୍ୱ ଯୁବକ ଆହତ ହୋଇଛନ୍ତି । ଆହତ ମାନେ ହେଲେ ବ୍ରହ୍ମପୁର ଅଞ୍ଚଳର ଶୁଭମ୍ ବିଷୋୟୀ , ନାରାୟଣ ବେହେରା , ଚିଦାନନ୍ଦ ପଟ୍ଟନାୟକ ଓ ଚିନ୍ମୟାନନ୍ଦ ପଟ୍ଟନାୟକ । ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟାରେ ହିଞ୍ଜିଳିକାଟୁର ଏକ ବିବାହ ଭୋଜିରେ ଯୋଗ ଦେବା ପାଇଁ ବ୍ରହ୍ମପୁର ଅଞ୍ଚଳର କିଛି ଯୁବକ କାର୍ ଯୋଗେ ଆସି ହିଞ୍ଜିଳିକାଟୁ ଠାରେ ପହଞ୍ଚିଥିଲେ । ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ କାର୍ ପାର୍କିଂ କରିବା ପରେ ଲିଜଧାରୀ କିଛି ଯୁବକ କାରଗାଡି ନିକଟକୁ ଆସି ପାର୍କିଂ ଫି' ବାବଦକୁ ଟଙ୍କା ମାଗିଥିଲେ । କିନ୍ତୁ କାରଗାଡିରେ ଆସିଥିବା ଯୁବକ ମାନେ ପାର୍କିଂ ବାବଦକୁ ଆବଶ୍ୟକ ସ୍ଥାନ ନଥିବା ଦର୍ଶାଇ ଫି' ଦେବାକୁ ମନା କରି ଦେଇଥିଲେ । ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହେବା ସହ ହାତାହାତି ହୋଇଥିଲା । କିଛି ସମୟ ପରେ ହିଞ୍ଜିଳିକାଟୁ ଅଞ୍ଚଳର କିଛି ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ବସ୍ ଟର୍ମିନାଲ ପରିସରରେ ପହଞ୍ଚି ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ବ୍ରହ୍ମପୁରରୁ ଆସିଥିବା ଯୁବକ ମାନେ ବିଜେପି କର୍ମୀ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର କିଛି ବିଜେପି କର୍ମୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଉଭୟ ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଥିଲା ଆକ୍ରମଣ ଓ ପ୍ରତିଆକ୍ରମଣ । ଫଳରେ ବସ୍ ଟର୍ମିନାଲ ପରିସର କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟି ଯାଇଥିଲା । ଆକ୍ରମଣ ଓ ପ୍ରତିଆକ୍ରମଣରେ ୪ ଜଣ ଯୁବକ ଆହତ ହୋଇଛନ୍ତି । ଖବର ପାଇ ହିଞ୍ଜିଳି ପୁଲିସ ବସ୍ ଟର୍ମିନାଲ ପରିସରରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶତାଧିକ ବିଜେପି କର୍ମୀ ହିଞ୍ଜିଳି ଥାନାରେ ପହଞ୍ଚି ଥାନା ଘେରିଥିଲେ । ଘଟଣା ନେଇ ବ୍ରହ୍ମପୁର ଟାଉନଥାନା ଗେଟବଜାର ଅଞ୍ଚଳର ନାରାୟଣ ବେହେରା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ- ୧୦୦୬/୨୪ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ନାରାୟଣଙ୍କ ସମେତ ତାଙ୍କର ୪ ଜଣ ସହଯୋଗୀଙ୍କୁ ହିଞ୍ଜିଳି ଥାନା ଅଞ୍ଚଳର ସଞ୍ଜୟ ଦାସ, ବିକାଶ ବେହେରା, ଶେଖର ସେଠି, ବଳିଆ ଦାସ, ଚିଣ୍ଟୁ ଦାସ, ପପୁନଙ୍କ ସମେତ ଆହୁରି ୭/୮ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ନାରାୟଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ପୁଲିସ ଘଟଣାର ତଦନ୍ତ କରି ୪ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ତଥା ହିଞ୍ଜିଳି ଥାନା ହିଞ୍ଜିଳି କେନାଲ ସାହିର ସଞ୍ଜୟ ଦାସ (୨୬), ବିକାଶ ବେହେରା (୨୨), ସିନେମାହଲ ଛକ ୧୯ ନଂ ୱାର୍ଡର ବଳିଆ ଦାସ (୨୪) ଓ ହିଞ୍ଜିଳି ଥାନା ରାମଚନ୍ଦ୍ରପୁର ଗ୍ରାମର ରାମକୃଷ୍ଣ ଦାସ (୬୦) । ଗିରଫ ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଘଟଣାରେ ସଂପୃକ୍ତଥିବା ଆହୁରି ୩/୪ ଜଣ ଫେରାର ହୋଇଯାଇଛନ୍ତି । ଫେରାର ଯୁବକଙ୍କୁ ଯଥାଶୀଘ୍ର ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ । ମଙ୍ଗଳବାର ରାତିରେ ହିଞ୍ଜିଳି ପୁଲିସ ଜଣେ ଆକ୍ରମଣକାରୀଙ୍କୁ କାବୁ କରି ହିଞ୍ଜିଳି ଥାନାକୁ ଆଣିଥିଲେ । ପୁଲିସ ଗାଡିରୁ ଓହ୍ଲାଇ ସଂପୃକ୍ତ ଯୁବକଙ୍କୁ ଥାନାକୁ ଆଣୁଥିବା ବେଳେ ଥାନା ପରିସରରେ ଉପସ୍ଥିତ ଥିବା କିଛି ଉତ୍ୟକ୍ତ ବିଜେପି କର୍ମୀ ସଂପୃକ୍ତ ଯୁବକଙ୍କୁ ପୁଲିସ କବଳରୁ ଛଡାଇ ମାଡ ମାରୁଥିବା ଘଟଣା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ଏଭଳି ଘଟଣାକୁ କେନ୍ଦ୍ର କରି ବଡ ଧରଣର ଅଘଟଣ ଘଟିବା ଆଶଙ୍କା ରହିଛି । ଅନ୍ୟପକ୍ଷରେ ହିଞ୍ଜିଳିକାଟୁ ପୌରାଞ୍ଚଳ ତଥା ହିଞ୍ଜିଳି ଥାନା କେନାଲ ସାହି ବାସିନ୍ଦା ମହିଳା ସଞ୍ଜୁ ଦାସ ପାଲଟା ଅଭିଯୋଗ କରିଛନ୍ତି । ସଞ୍ଜୁଙ୍କ ପୁଅ ସଞ୍ଜୟ ଦାସ ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ପାର୍କିଂ ଫି' ଆଦାୟ କରିବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ମଙ୍ଗଳବାର ରାତିରେ ଏକ କାରଗାଡିରେ ୪/୫ ଜଣ ଯୁବକ ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଗାଡି ପାର୍କିଂ କରିଥିଲେ । ପାର୍କିଂ ଫି'ବାବଦକୁ ସଞ୍ଜୟ ଟଙ୍କା ମାଗିବାରୁ ଗାଡିରେ ଥିବା ଯୁବକ ମାନେ ନିଜକୁ ବିଜେପି କର୍ମୀ ବୋଲି ପରିଚୟ ଦେବା ସହ ତାଙ୍କରି ଦଳ ସରକାର ଗଠନ କରିଛି । ତେଣୁ ପାର୍କିଂ ଫି'ବାବଦକୁ ଟଙ୍କା ଦେବାକୁ ମନା କରିଥିଲେ । ସଞ୍ଜୟ ପାର୍କିଂ ଫି'ବାବଦକୁ ଜୋର ଜବରଦସ୍ତ ଟଙ୍କା ମାଗିବାରୁ ସଂପୃକ୍ତ ଯୁବକ ମାନେ ଜାତିଆଣ ଆକ୍ଷେପ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ପରେ ଉତ୍ୟକ୍ତ ହୋଇ ଗାଡି ଭିତରେ ଥିବା ଜାଗିରଡରେ ସଞ୍ଜୟଙ୍କୁ ଆକ୍ରମଣ କରିଥିଲେ ବୋଲି ମହିଳା ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୧୦୦୭/୨୪ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।



## ଡିସେମ୍ବର ୧୪ ତାରିଖରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ




ଫୁଲବାଣୀ ( ତା ୧୨ / ୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧୁକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତ ମାସ ତା ୧୪.୧୨.୨୦୨୪ ରିଖ ଶନିବାର ଦିନ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪ ଅନୁଷ୍ଠିତ ହେବ ବୋଲି ଅଧକ୍ଷ ଜିଲ୍ଲା ଆଇନସେବା ପ୍ରାକରଣ, କନ୍ଧମାଳ ଫୁଲବାଣୀ ସୂଚନା ଦେଇଛନ୍ତି। ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା :- ଫୌଜଦାରି,(ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର୍ ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ ( ଛାଡ଼ପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭଣ୍ଡା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ସୂଚନାରୁ ଆଉ ମଧ ଜଣାପଡ଼ିଛି ଯେ, କେବଳ ବିଚାରାଧିନ ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ ( କଚେରୀରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିର୍ବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ। ଲୋକ ଅଦାଲତରେ ମକଦ୍ଦମା । ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ। ଯଦି କୌଣସି ବିଚାରନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ଦୀର୍ଘଦିନ ଧରି ଚାଲୁ ରହିଥ ?ିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରାଧୁକରଣ, କନ୍ଧମାଳ, ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି। ସବିଶେଷ ବିବରଣୀ ତଥା ଏହା ଉପରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧୁକରଣ ବା ତାଲୁକ୍ ଆଇନସେବା କାର୍ଯ୍ୟାଳୟ ସହ କିମ୍ବା ଟେଲିଫୋନ୍ ନଂ (୦୬୮୪୨) ୨୫୪୦୩୧ ରେ ଯୋଗାଯୋଗ କରିବାକୁ ସର୍ବସାଧାରଣ ଙ୍କୁ ଜଣାଇ ଦିଆଯାଇଛି ।

## ରବିବାର ଠାରୁ ଖୋଲିବ ବିରଜା ହାଟ

ଯାଜପୁର ,୧୨।୧୨(ଆପ୍ର) : ବହୁ ବାଦବିବାଦ ପରେ ଆସନ୍ତା ରବିବାର ଠାରୁ ବିରଜା ହାଟ ପୂର୍ବ ସ୍ଥାନରେ ଖୋଲିବ ବୋଲି ସ୍ଥିର ହୋଇଛି । ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ଯାଜପୁର ଜିଲ୍ଲାପାଳ ବିଭିନ୍ନ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇଛନ୍ତି । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ବିରଜା ମନ୍ଦିରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଯିବା ସହ ହାଟ ପାଇଁ ଜମି ରହିଛି । ଆବଶ୍ୟକ ପଡିଲେ ହାଟ ପାଇଁ ଆଉ କିଛି ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ବିରଜା ମନ୍ଦିର ଓ ବିରଜା ହାଟ ମଧ୍ୟରେ ଏକ ପାର୍କିଙ୍ଗ ସ୍ଥାନ ରଖାଯିବ । ଉକ୍ତ ସ୍ଥାନରେ ମନ୍ଦିରକୁ ଆସୁଥିବା ଯାତ୍ରୀ ନିଜ ନିଜର ଗାଡି ରଖିବା ସହ ହାଟକୁ ଆସୁଥିବା ଲୋକ ଓ ବ୍ୟବସ୍ଥାୟୀ ମାନେ ସେମାନଙ୍କର ଗାଡି ରଖିବେ । ଆଗାମୀ ଦିନରେ ଉକ୍ତ ସ୍ଥାନରେ ଏକ ହାଇଟେକ ହାଟ ନିର୍ମାଣ କରାଯିବ । ହାଟକୁ ଆସୁଥିବା ଚାଷୀ ଓ ଅନ୍ୟ ବ୍ୟବସାୟୀଙ୍କ ସୁବିଧା ପାଇଁ ସେଠାରେ ପିଣ୍ଡି , ଘର ଓ ଶୌଚାଳୟମାନ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ , ଆଜିକୁ କିଛି ଦିନ ହେବ ବିରଜା ହାଟଟି ସ୍ଥାନୀୟ ସନ୍ଥ ମାଧବ ଛକ ନିକଟକୁ ସ୍ଥାନାନ୍ତର କରାଯାଇ ପୂର୍ବରୁ ହାଟ ଚାଲିଥିବା ସ୍ଥାନରେ ବିରଜା ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ବ୍ୟବସ୍ଥାୟୀ ମାନେ ଏହାକୁ ବିରୋଧ କରିବା ସହ ପୂର୍ବ ସ୍ଥାନରେ ହାଟ ଚାଲିବା ପାଇଁ ଜିଦ୍ ଧରି ବସିଥିଲେ । ଫଳରେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ଯଦି ପୁରୁଣା ସ୍ଥାନରେ ହାଟ ଚାଲିବ । ତେବେ ବିରଜା ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି ହେବ । ତେଣୁ ସନ୍ଥମାଧବ ଛକରେ ହାଟ ଖୋଲିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ଏପରିକି କିଛି ଦିନ ଏହି ହାଟ ସନ୍ଥ ମାଧବ ଛକରେ ଚାଲିଥିଲେ ମଧ୍ୟ ଅଧିକାଂଶ ବ୍ୟବସ୍ଥାୟୀ ସନ୍ଥମାଧବ ଛକ ନିକଟରେ ଖୋଲାଯାଇଥିବା ହାଟକୁ ନଯାଇ ନିଜ ଜିଦରେ ଅଟଳ ରହିଥିଲେ । ଫଳରେ ଗତ ନଭେମ୍ବର ୨୧ ତାରିଖ ଦିନ ପୂର୍ବରୁ ଚାଲିଥିବା ସ୍ଥାନରେ ହାଟ ଖୋଲିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା । ଯାହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି ଏହି ହାଟକୁ ନେଇ ଆପ୍ରିତିକର ପରିସ୍ଥିତ ସୃଷ୍ଟି ହେବା ସହ ଯାଜପୁର ଟାଉନ ଥାନାରେ ବିଭିନ୍ନ ମାମଲା ରୁଜୁ ହେବା ଏବଂ ରାସ୍ତାରୋକ ପର୍ଯ୍ୟନ୍ତ ହୋଇଥିଲା । ଶେଷରେ ଏହି ହାଟ ବିବାଦ ରାଜନୈତିକ ହିଂସାର ରୂପ ନେବା ସହ କିଛି ଲୋକ ଗିରଫ ହୋଇ ଜେଲ ଯାଇଥିଲେ । ତେବେ ଯାହା ହେଉ ହାଟ କୁ ନେଇ ଚାଲିଥିବା ନାଟ ଶେଷ ହେବ ବୋଲି ଆଶଙ୍କା କରାଯାଉଛି ।

## ଗୋମତୀ ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ





ଜଗତସିଂହପୁର ୧୨/୧୨: ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ନିକଟସ୍ଥ ଶୀର୍ଲୋ ବ୍ରାହ୍ମଣଖଣ୍ଡ ଗୋମତୀ ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀରେ ରାଧାକୃଷ୍ଣ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ୫୧ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଲାଗି କରାଯାଇଛି। ଆଶ୍ରମର ମୂଖ୍ୟ ମଠାଧୀଶ ଅକ୍ଷୟ ଦେବଦାସ ମହାରାଜଙ୍କ ପରିଚାଳନାରେ ନୀତି ନିର୍ଘଣ୍ଟ ଅନୁସାରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତ ତଥା ବାବାଙ୍କ ଅନୁଗାମୀମାନେ ଆଶ୍ରମରେ ଉପସ୍ଥିତ ହୋଇ ଏହି ଭବ୍ୟ କାର୍ଯ୍ୟକ୍ରମରେ ନିୟୋଜିତ ଥିଲେ। ପୁରାଣ ବର୍ଣ୍ଣିତ ଅନୁଯାଇ ମାତା ଜସୋମତି ପୁତ୍ର ଶ୍ରୀକୃଷ୍ଣଙ୍କ ଭୋଜନାର୍ଥେ ବ୍ୟଞ୍ଜନ ଦ୍ୱାଦଶୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ପ୍ରଭୁଙ୍କୁ ଦେଇଥାନ୍ତି। ଏହି ବ୍ୟଞ୍ଜନକୁ ଗୋବିନ୍ଦ ଶଖାମାନଙ୍କ ସହ ବହୁ ଆନନ୍ଦରେ ଭୁଞ୍ଜିଥାନ୍ତି। ଏଣୁ ଏହି ଦିନରେ ବିଭିନ୍ନ ମଠ ମନ୍ଦିରରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପ୍ରଭୁଙ୍କୁ ସମର୍ପଣ କରାଯାଇଥାଏ ବୋଲି ମଠାଧୀଶ ଅକ୍ଷୟ ଦେବଦାସ ପ୍ରକାଶ କରିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମରେ ବାବା ନିମାଇଁ ଚରଣ ଦାସ, ନରହରି ଦାସ, ପ୍ରଣବ ଚରଣ ଦାସ, ବୈଷ୍ଣବ ଚରଣ ଦାସ ଉଦ୍ଧବ ଚରଣ ଦାସ ଓ ଆଶ୍ରମ ଅନ୍ତେବାସିମାନେ ସହଯୋଗ କରିଥିଲେ। ସେହିପରି ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ବଡ଼ଦାଣ୍ଡର ଜଗନ୍ନାଥ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ମହା ଆଡମ୍ବରରେ ପାଳନ କରାଯାଇଥିଲା ।

## ପୂର୍ତ୍ତବିଭାଗ ରେ ଟେଣ୍ଡର ଫିକ୍ସିଂ କୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା( ୧୨/୧୨ )ଜିଲ୍ଲାରେ ପୁଣି ଫେରିଛି ଟେଣ୍ଡର ଫିକ୍ସିଂ । ଅଭିଯୋଗ ଆଣିଛନ୍ତି ଦୁଇ ଠିକାଦାର । କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ତ୍ତବିଭାଗ ଡିଭିଜନ ୧ ତରଫରୁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଉଲଙ୍ଘନ ହୋଇଛି । ଟେଣ୍ଡର ଲଟେରୀ ପ୍ରକ୍ରିୟାରେ ଅନିୟମିତତା କରି ଜଣେ ଠିକାଦାରଙ୍କୁ କାମ ଦିଆଯାଉଛି ବୋଲି କହିଛନ୍ତି ଟେଣ୍ଡର ଫିକ୍ସିଂରେ ଶୀକାର ହୋଇଥିବା ଦୁଇ ଠିକାଦାର । ଠିକାଦାରଙ୍କ କହିବା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ତ୍ତବିଭାଗ ଡିଭିଜନ ୧ ତରଫରୁ ବାହାରିଥିବା ପ୍ରକଳ୍ପ ଗୁଡ଼ିକ ପାଇଁ ସେ ଟେଣ୍ଡର ଭରିଥିଲେ ଏବଂ ଯୋଗ୍ୟ ବିବେଚିତ ମଧ ହୋଇଥିଲେ । ପରେ ତାଙ୍କୁ ଇ ମେଲ୍ ଯୋଗେ ଗତ ଗୁରୁବାର ଅପରାହ୍ନ ୧୨ ଟାରେ ଲଟେରୀ ପ୍ରକ୍ରିୟା ପାଇଁ ପୂର୍ତ୍ତ ବିଭାଗ ୧ ତରଫରୁ ସୂଚନା ଦିଆଯାଇଥିଲା । କିନ୍ତୁ ସମୟ ପୂର୍ବରୁ ସେଠାରେ ପହଞ୍ଚିଥିଲେ ବି ପ୍ରକ୍ରିୟା କୁ ଉଲଙ୍ଘନ କରି ସମୟ ପୂର୍ବରୁ ଲଟେରୀ ଉଠାଣ ସମାପ୍ତ ହୋଇ ଯାଇଥିଲା । ଏନେଇ ଠିକାଦାର ଜଣକ ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ପଚାରିବାରୁ , ସେ ଦୁର୍ବ୍ୟବହାର କରିବା ସହ ଠିକାଦାରଙ୍କୁ ସିଧା ବାହାର ରାସ୍ତା ଦେଖେଇଥିଲେ । ପରେ ୨ ଜଣ ଠିକାଦାର ଏ ନେଇ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ୧ର ଅଧିକ୍ଷଣ ଯନ୍ତ୍ରୀ ମଧ କୌଣସି କାରଣ ବସତ ସମୟ ପୂର୍ବରୁ ଏହି ପ୍ରକ୍ରିୟା କରାଯାଇଥିଲା ବୋଲି ସ୍ୱୀକାର କରିବା ସହ ଲଟେରୀ ଉଠାଣ ରେ କିଛି ତ୍ରୁଟି ହୋଇନାହିଁ ଏବଂ ଲଟେରୀ ଉଠାଣ ର ସମସ୍ତ ପ୍ରକ୍ରିୟା ଭିଡିଓ ଗ୍ରାଫି କରାଯାଇଛି କହି ୨ ଠିକାଦାରଙ୍କ ଅଭିଯୋଗ କୁ ଏଡାଇ ଯାଇଛନ୍ତି ।ଦେଖିବାକୁ ବାକି ରହିଲା , କିପରି ରହୁଛି ଜିଲ୍ଲା ପ୍ରଶାସନର ତଦନ୍ତ ଏବଂ କିପରି ମିଳୁଛି ୨ ଉଚ୍ଚଶିକ୍ଷିତ ଯୁବ ଠିକାଦାରଙ୍କୁ ନ୍ୟାୟ ।

## ଇକୋର୍ସା ମଞ୍ଚେଶ୍ୱର ଦ୍ୱାରା ଆନ୍ତ-ସପ ଭଲିବଲ୍ ଟୁର୍ନାମେଣ୍ଟ

ଭୁବନେଶ୍ୱର, ୧୨/୧୨: ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ (ଇକୋର୍ସା)/ ମଞ୍ଚେଶ୍ୱର ସ୍ୱାରୀ ଡ଼ବା ମରାମତି କାରଖାନା / ମଞ୍ଚେଶ୍ୱର ଦ୍ୱାରା ୯ ଏବଂ ୧୦ ଡିସେମ୍ବର ୨୦୨୪ ରେ ମଞ୍ଚେଶ୍ୱରର ଚାଇଲ୍ଡ ପାର୍କରେ ଏହାର କର୍ମଚାରୀଙ୍କ ମଧ୍ୟରେ ଇଣ୍ଟର-ସପ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଯାଇଅଛି । ଶେଷ ଦିନରେ ମହିଳା କର୍ମଚାରୀଙ୍କ ପାଇଁ ଏକ ଥ୍ରୋ ବଲ୍ ମ୍ୟାଚ୍ ମଧ ଆୟୋଜିତ ହୋଇଥିଲା । ଯେକୌଣସି ବୟସରେ ବ୍ୟାୟାମର ଉତ୍ତମ ଲାଭକୁ ଉତ୍ସାହିତ କରିବା ପାଇଁ ୪୫ ବର୍ଷରୁ ଅଧିକ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଦୌଡ-କୁଦ ପ୍ରତିଯୋଗିତା ମଧ ଆୟୋଜିତ ହୋଇଥିଲା । ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ତଥା ମୁଖ୍ୟ ୱାର୍କସପ ପ୍ରବନ୍ଧକ ଓ ମଞ୍ଚେଶ୍ୱର ଇକୋର୍ସାର ଅଧକ୍ଷ ଶ୍ରୀ ଅମିତ ସିହ୍ନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ପାଇଁ ଭାଗିଦାରୀ ପାଇଁ ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଖେଳ ଖେଳିବା ଆମର ଜୀବନଶୈଳୀ ହେବା ଉଚିତ୍ । ଆମର ଦୈନନ୍ଦିନ ଜୀବନରେ କ୍ରୀଡା ଅନ୍ତର୍ଭୁକ୍ତ କରିବା ଉଚିତ୍ । ସମସ୍ତ କର୍ମଚାରୀ ଏହି ଟୁର୍ନାମେଣ୍ଟରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଉପମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଶ୍ରୀ ରମେଶ ଏବଂ କ୍ରୀଡ଼ା ଅଧିକାରୀ, ଇକୋର୍ସା / ମଞ୍ଚେଶ୍ୱର ଶ୍ରୀ ଏସ.ଭି.କେ କିରଣ କୁମାର ଏହି ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀ ମ୍ୟାଚ ସମୟରେ ଉପସ୍ଥିତ ଥିଲେ । କର୍ମଶାଳା ସହାୟତା କର୍ମଚାରୀ (ଡଝଝ) ଟିମ୍ ଫାଇନାଲ୍ ମ୍ୟାଚ୍ରେ ବିଜୟୀ ହୋଇଥିଲା ।

## ସ୍ୱାଭାବିକ ହେଲା ୧୦୮ ଆମ୍ବୁଲାନ୍ସ ସେବା




ଭୁବନେଶ୍ୱର: ସ୍ୱାଭାବିକ ହେଲା ୧୦୮ ଆମ୍ବୁଲାନ୍ସ ସେବା । ଏନେଇ ୧୦୮ କର୍ମଚାରୀ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି । ବର୍ତ୍ତମାନ ଅନରୋଡ୍ ମୋଡ୍‌ରେ ଗାଡ଼ି ଗଡ଼ିବ । କିଛିଦିନ ହେବ ରାଜରାସ୍ତାକୁ ଓହ୍ଲାଇଥିଲେ ଆମ୍ବୁଲାନ୍ସ କର୍ମଚାରୀ । ଏନେଇ ରୋଗୀ ସେବା ପ୍ରଭାବିତ ହୋଇଛି । କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ବିଷୟରେ କିଛି ନିଷ୍ପତ୍ତି ହୋଇନଥିବାରୁ ଅଫରୋଡ ମୋଡରେ ରୋଗୀସେବା ଯୋଗାଇ ଦେବାକୁ ସଂଘ ନିଷ୍ପତ୍ତି ନେଇଥିଲା । କିଛିଦିନ ହେବ ରାଜରାସ୍ତାକୁ ଓହ୍ଲାଇଥିଲେ ଆମ୍ବୁଲାନ୍ସ କର୍ମଚାରୀ । ଏନେଇ ରୋଗୀ ସେବା ପ୍ରଭାବିତ ହୋଇଛି । କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ବିଷୟରେ କିଛି ନିଷ୍ପତ୍ତି ହୋଇନଥିବାରୁ ଅଫରୋଡ ମୋଡରେ ରୋଗୀସେବା ଯୋଗାଇ ଦେବାକୁ ସଂଘ ନିଷ୍ପତ୍ତି ନେଇଥିଲା । ନିୟମ ଅନୁସାରେ ଅନରୋଡରେ ଗାଡ଼ି ନଚଳାଇଲେ, କାର୍ଯ୍ୟାନୁଷ୍ଠାନ ନେବ କର୍ତ୍ତୃପକ୍ଷ। ତେଣୁ ଅଫରୋଡ୍ ଗାଡ଼ି ଚଳାଚଳ ହେଉଥିଲା । ସେପଟେ କର୍ମଚାରୀଙ୍କ ଧର୍ମଘଟ ଯୋଗୁଁ ରାଜ୍ୟବ୍ୟାପୀ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ସ୍ଥାୟୀ ନିଯୁକ୍ତି, ବକେୟା ଦରମା ପ୍ରଦାନ, ଗ୍ରାଚ୍ୟୁଇଟି ପ୍ରଦାନ, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଆଦି ୭ ଦଫା ନେଇ ଜିପିଏସ ବଟନ ଅଫ କରି ଅଫରୋଡ୍ ମୋଡରେ ଆମ୍ବୁଲାନ୍ସ ଚଳାଉଥିଲେ । ଗ୍ରାଚ୍ୟୁଇଟି ପାଇଁ ପୂର୍ବ ଠିକା ସଂସ୍ଥା ସହ ଆଲୋଚନା କରାଯାଇଥିବା କହିଛନ୍ତି ୧୦୮ ଆମ୍ବୁଲାନ୍ସ ସର୍ଭିସ ରାଜ୍ୟ ମୁଖ୍ୟ।

## ମୁଣ୍ଡ ଉପରେ ବାର୍ଷିକ ପରୀକ୍ଷା, ଛାତ୍ରଛାତ୍ରୀଙ୍କୁ ଏଯାଏଁ ମିଳିନି ପୋଷାକ

ଜୁନାଗଡ,୧୨/୧୨(ନି.ପ୍ର):ପୂର୍ବରୁ ପ୍ରଥମ ରୁ ଅଷ୍ଟମ ଯାଏଁ ମଧ୍ୟାହ୍ନ ଭୋଜନ ଏବଂ ପ୍ରଥମରୁ ଦଶମ ଯାଏଁ ପୋଷାକ ଏବଂ ବହି ମିଳୁଥିବା ବେଳେ, ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ।ସରକାରଙ୍କ ତରଫରୁ ଚଉଦ ବର୍ଷ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ନୀତି ଅନୁଯାୟୀ ପୋଷାକ ବଣ୍ଟନ ହେଉଥିବା ବେଳେ ବିଗତ ସରକାର ତାଙ୍କ ରାଜନୀତିକ ପ୍ରଚାର ର ଉଦ୍ଦେଶ୍ୟ ରଖି ପୋଷାକ ର ରଙ୍ଗ ପରିବର୍ତ୍ତନ କରିଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ପରିବର୍ତ୍ତନ ସହ ରାଜନୈତିକ ଅଭିସନ୍ଧିରୁ ରଖି ବର୍ତ୍ତମାନ ପୋଷାକ ର ରଙ୍ଗ ପୁନଶ୍ଚ ପରିବର୍ତ୍ତନ କରିଛନ୍ତି। ପୂର୍ବ ସରକାର ସବୁଜ ରଙ୍ଗକୁ ପ୍ରାଧାନ୍ୟ ଦେଉଥିବା ବେଳେ ବର୍ତ୍ତମାନ ସରକାର ସବୁଜ ରଙ୍ଗକୁ ଉଠେଇ ଦେଇଛନ୍ତି, ଫଳରେ ଅନେକ ପୋଷାକ ବଣ୍ଟନକାରି ସଂସ୍ଥା ଠାରେ ମହଜୁଦ ଥିବା ପୋଷାକ ସବୁ ପଡ଼ି ରହିଛି। ବର୍ତମାନ ଉକ୍ତ ପୋଷାକ ର ଚାହିଦା ଆଦ୍ଧ ନଥିବାରୁ ସେମାନେ ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରି ଯେଣୁତେଣୁ ପ୍ରକାରେ ପୂର୍ବ ପୋଷାକ ସବୁ ଛାତ୍ର ଛାତ୍ରୀ ଙ୍କୁ ବଣ୍ଟନ ପାଇଁ ଏକ ପ୍ରକାର ଚାପ ସୃଷ୍ଟି କରୁଛନ୍ତି। ଅପର ପକ୍ଷରେ ସରକାରୀ କର୍ମଚାରୀ ଚାପ ର ଶିକାର ହୋଇ ବର୍ତ୍ତମାନ ଶିକ୍ଷା ବର୍ଷରେ ଲାଗୁ ହୋଇଥିବା ପୋଷାକ ବଣ୍ଟନ କୁ ରଦ୍ଦ କରିଥିବା ଜାଣିବା ଶୁଣିବା ମହଲରେ ଚର୍ଚ୍ଚା ହେଉଛି। ଯାହା ଦ୍ୱାରା ଉପର ସ୍ତର କୁ ଚାପ ସୃଷ୍ଟି ହେଲେ ମହଜୁଦ୍ ଥିବା ପୁରୁଣା ପୋଷାକ ଛାତ୍ର ଛାତ୍ରୀ ଙ୍କୁ ଦିଆଯିବ ।ଏହି ଆଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ପୋଷାକ ବଣ୍ଟନ ହୋଇ ନଥିବା ବେଳେ ଆଉ ମାତ୍ର ଷାଠିଏ ଦିନ ପରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ଏଣୁ ପ୍ରଶାସନ ତରଫରୁ ତୁରନ୍ତ କୌଣସି ପଦକ୍ଷେପ ନେବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।



# ଟାଟା ଷ୍ଟିଲକୁ ପ୍ରଦୂଷଣ ବିଭାଗର କାରଣଦର୍ଶାଅ ନୋଟିସ

## ଟାଟା ଷ୍ଟିଲ କଳିଙ୍ଗନଗରର ପ୍ରଦୂଷଣକାରୀ କାରଖାନାରେ ଗଣତି

## ୧୫ ଦିନ ରେ ସନ୍ତୋଷ ଜନକ ଉତ୍ତର ନଦେଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ




କଳିଙ୍ଗନଗର, ୧୨/୧୨(ନି.ପ୍ର): କଳିଙ୍ଗ ନଗର ଶିଳ୍ପ ରାଜଧାନୀ।ଏଠାରେ ୧୫ରୁ ଉର୍ଦ୍ଧ କାରଖାନା ସ୍ଥାପିତ ହୋଇଛି।ଦିନ କୁ ଦିନ କଳିଙ୍ଗ ନଗର ଅଞ୍ଚଳରେ ବାୟୁ,ଜଳ ପ୍ରଦୂଷଣ ବଢି ଚାଲିଛି ଓ କାରଖାନା ଚତୁରପାର୍ଶ୍ୱରେ ଜନସାଧାରଣ ବିଭିନ୍ନ ରୋଗର ଶିକାର ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି। ଯାହା କୁ ନେଇ ନୂତନ ଆଞ୍ଚଳିକ ପ୍ରଦୂଷଣ ବିଭାଗ ର ମୁଖ୍ୟ ନିଜର କାର୍ଯ୍ୟଦକ୍ଷତା ବଳରେ କଳିଙ୍ଗନଗରରେ ଥିବା ଏକାଧିକ କାରଖାନାକୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ବହୁ ସମୟରେ ପରିଦର୍ଶନ କଲା ପରେ ଏବେ ଅନେକ କାରଖାନାକୁ କାରଣ ଦର୍ଶାଅ ନୋଟିସ ପଠାଇଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଯାଜପୁର ଜିଲ୍ଲା ରେ ଥିବା କଳିଙ୍ଗନଗର ର ଟାଟା ଷ୍ଟିଲ କୁ ଗତ ୨୯ ତାରିଖରେ ୧୧ ଟି ବିଷୟରେ ଲିଖିତ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ଟାଟା ଷ୍ଟିଲ କଳିଙ୍ଗନଗର ରେ ସବୁ ଠାରୁ ବୃହତ ପ୍ରକଳ୍ପର ମାନ୍ୟତା ପାଇଥିବା ବେଳେ ନିଜକୁ ସଦାସର୍ବଦା ସ୍ୱଚ୍ଛ ନିର୍ମଳ କହୁଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠି ପରେ ଟାଟା ଷ୍ଟିଲ ର ପ୍ରକୃତ ସ୍ୱଭାବ ସାମ୍ନାକୁ ଆସିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ମୁତାବକ ଚିଠି ସଂଖ୍ୟା ୧୯୫୦୧ ଆଇଏନଡି ଆଇ କେନ୍ ୬୪୪୭ ତା ୨୯.୧୧.୨୪ ରେ କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ କାରଖାନାର କୁ ୧୫ ଦିନ ର ଅବଧି ଭିତରେ ଜଦି କୌଣସି ସନ୍ତୋଷ ଜନକ ଉତ୍ତର ନଦେଇ ପାରିବେ ତେବେ କାରଖାନା କୁ କ'ଣ ପାଇଁ ବନ୍ଦ କରାନଯିବ ବୋଲି ପ୍ରଶ୍ନ କରିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ମୁଖ୍ୟ ସଚିବ ଏହି ୧୫ ଦିନ ଭିତରେ ନିଜର ପ୍ରତିକ୍ରିୟା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ର ସଚିବ । ଗତ ୫.୧୧.୨୪ ରେ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଏକ ଟିମ ଟାଟା ଷ୍ଟିଲ କୁ ପରିବର୍ତ୍ତନ କରିବା ପରେ ତାଙ୍କରି ରିପୋର୍ଟ ଆଧାରରେ ଏହି ଚିଠି କରିଥିବା ବେଳେ କାରଖାନା କୁ ଦିଆଯାଇଥିବା ନୋଟିସ୍ କୁ ଅନୁଧାନ କଲେ ଜଣାଯାଏ କି ଟାଟା ଷ୍ଟିଲ ପ୍ରଦୂଷଣ ନିୟନ୍ତ୍ରଣ କରିବା ରେ ସମ୍ପୁର୍ଣ୍ଣ ଭାବେ ବିଫଳ ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି କଳିଙ୍ଗନଗର ରେ ଥିବା ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ କରୁଥିବା ଟାଟା ଷ୍ଟିଲ ଉପରେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ।

# ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ

ବାରିପଦା, ୧୨/୧୨(ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ ବିଦ୍ୟାଳୟର ଅଧକ୍ଷା ମିସ ଦେବାଶ୍ରୀତା ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି. ମୟୂରଭଞ୍ଜ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତ ନିମନ୍ତେ ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନକୁ ସାକାର କରିବା ପାଇଁ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ଅଧାପିକା ରୁପମଞ୍ଜରି ବେହେରା, କସ୍ତୁରବା ମହାନ୍ତ, ରାଜନୀତି ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ଦାସ, ଅଧାପିକା ସୁଶ୍ରୀ ନାୟକ,ବାଣିଜ୍ୟ ବିଭାଗର ଅଧାପକ ଅଭିଜିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ କ୍ୟାରିୟର ସମନ୍ଧୀୟ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଅଧାପିକା ସୁଜାତା ପାଲ ଅତିଥି ପରିଚୟ କରିଥିବା ବେଳେ ଅଧାପିକା ଦିପ୍ତିଶ୍ରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ କୀର୍ତ୍ତିକୌଶିକ ନାୟକ, ଛାତ୍ର ତୁଷାର ମହାନ୍ତ, ଅର୍ଜୁନ ମହାନ୍ତ ଏବଂ ବାପି ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ପୁଣି ଶିମିଳିପାଳରେ ଟ୍ରାପ କ୍ୟାମେରା ଧରାଇ ଦେଲା ୩ ଶିକାରୀ

## ୫ଟି ଦେଶୀ ବନ୍ଧୁକ ସହ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ



ବାରିପଦା, ୧୨/୧୨(ନି.ପ୍ର): ଶିକାର ମୁକ୍ତ ଶିମିଳିପାଳ ଏବଂ ଜୀବଜନ୍ତୁ ଙ୍କ ଗତି ବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜା ଯାଇଥିବା ଟ୍ରାପ କ୍ୟାମେରା ପୁଣି ଶିମିଳିପାଳରେ ୩ ଶିକାରୀଙ୍କୁ ଧରାଇ ଦେଇଛି । ଗିରଫ ହୋଇଥିବା ଶିକାରୀମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦୁମା ସାହି ଗ୍ରାମର କରଣ ମାରାଣ୍ଡି ଓରଫ ଟୁରା (୨୧), କାରୁ ହଂସଦା ଓରଫ କନ୍ଦା (୩୫) ଏବଂ ବୁଧୁରାଇ ସୋରେନ (୨୮) ବୋଲି ଜଣାଯାଇଛି. ସୂଚନା ମୁତାବକ କରଣ ମାରାଣ୍ଡି ଶିକାର ପାଇଁ ଶିମିଳିପାଳ କୋର ଏରିଆରେ ପ୍ରବେଶ କରୁଥିବା ବେଳେ ଟ୍ରାପ କ୍ୟାମେରାରେ ତାର ଚିତ୍ର କଏଦ ହେବା ପରେ ବନ୍ଧୁକ ସହିତ ସିମିଳିପାଳ ଅଭୟାରଣ୍ୟ ଭିତରୁ ଧରା ପଡିଥିଲା । ତେବେ ପରେ ଘଟଣାରେ ଅନ୍ୟ ମାନଙ୍କ ସମ୍ପୃକ୍ତି ଥିବା ଜାଣି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ ଦୁମା ସାହି ଗ୍ରାମରେ ଚଢ଼ାଉ କରାଯାଇ ଅନ୍ୟ ଦୁଇଜଣ ଶିକାରୀ କାରୁ ହଂସଦା ଏବଂ ବୁଧୁରାଇ ସୋରେନ କୁ ଗିରଫ କରାଯାଇଛି । ଏହି ଶିକାରୀ ମାନଙ୍କୁ ସେମାନଙ୍କ ଠାରୁ ୫ଟି ଦେଶୀ ବନ୍ଧୁକ, ଗୋଟିଏ ଅଧା ଗଢା ବନ୍ଧୁକ ଗନ ପାଉଡର, ପେଲେଟ ଏବଂ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି । ବନ ବିଭାଗ ପକ୍ଷରୁ ଅସ୍ତ୍ରଶସ୍ତ୍ର ଅଧିନିୟମ ୧୯୫୯ ଏବଂ ବିସ୍ଫୋରକ ଅଧିନିୟମ ୧୮୮୪ ଅନୁଯାୟୀ ମାମଲା ରୁଜୁ କରିବା ସହ ଜବତ ସାମଗ୍ରୀ ଗୁଡିକୁ ପୋଲିସ ଷ୍ଟେସନକୁ ହସ୍ତାନ୍ତର କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି ।

# ଶାଲୋମ ଓଲ ଡିନାମିଶନ ପାଷ୍ଟର ଫେଲସିପର କାର୍ଯ୍ୟାଳୟ ଉଦଘାଟିତ



କୋଟପାଡ଼, ୧୨/୧୨(ନି.ପ୍ର): କୋରାପୁଟ ଜିଲ୍ଲା କୋଟପାଡ଼ ସହର ର ଓଁଳାଭୋଟା ଠାରେ ଆଜି ମହା ଆଡମ୍ବର ସହ ଶାଲୋମ ଓଲ ଡିନାମିଶନ ପାଷ୍ଟର ଫେଲୋସିପ ତରଫରୁ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟନ କରାଯାଇଛି । ଉକ୍ତ ସମାରୋହରେ ମୁଖ୍ୟଅତିଥି ଭାବରେ ବିଶପ ରାଜେଶ ପାତ୍ର, ମୁଖ୍ୟବକ୍ତା ଭାବେ ବିଶପ ହେମପ୍ରସାଦ ଦାସ,ସମାନୀୟ ଅତିଥି ଭାବେ ଶାନ୍ତିଲତା ଆଶା, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, କୋମର୍ସ ଅଫ ଚାମ୍ବର ସଭାପତି ଗଣେଶ ପଣ୍ଡା,ବିଜେଡି ଟାଉନ ସଭାପତି ଅରିଫ ପଟେଲ, ସୁଧୀର ମହାନ୍ତି, ଶ୍ରୀ ମଳୟ ଜବ ଆଶା,ଯେ.ଇ.ଏଲ.ସି କୋଟପାଡ଼ ଡିନ. ରେଭ.ମନୋଜ ଦୁଖୀ,ଜେ.ଇ.ଏଲ.ସି. ଡିନ କୋଷାଗୁମୁଡା ରେଭ,ସୁରେନ୍ଦ୍ର ପାଟଣା, କୁନ୍ଦ୍ରା ପାଷ୍ଟର ଫେଲସିପ ସଭାପତି ରେଭ. ସୁବାଷ ସେପ୍ତି. ସେମିଲିଗୁଡା ପାଷ୍ଟର ସଭାପତି ରେଭ, ଡାନିଏଲ ଖରା ଏବଂ ପାଷ୍ଟର ଓଲ ଡିନା ମିଶନ ଫେଲସିପ ର ପ୍ରତ୍ୟକ ପାଳକ ପାଳିକା ମାନେ ଯୋଗ ଦେଇଥିଲେ । ଆଜିର ଏହି କାର୍ଯ୍ୟାଳୟ ଗୃହକାର୍ଯ୍ୟ ସମ୍ପନ ହେବାରେ ସ୍ୱର୍ଗତ ରେଭ. ଡ଼ଃ. ମୃତ୍ୟୁଞ୍ଜୟ ଆଶା ଙ୍କର ବହୁତ ଅବଦାନ ରହିଥିବା ନେଇ ଆଲୋକପାତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶାଲୋମ ଓଲ ଡିନାମିଶନ ଫେଲସିପର ବର୍ତ୍ତମାନ ବୋର୍ଡ଼ ମେମ୍ବର ତଥା ପରାମର୍ଶ ଦାତା ରେଭ. ଯୀଶୁଦାନ ଗରଡ଼ା, ସଭାପତି. ରେଭ.ବେଞ୍ଜ୍ୟାବିନ ବାଘ, ଉପ ସଭାପତି, ରେଭ. ମଙ୍ଗଳ ଦାନ ସରୁ.ସମ୍ପାଦକ, ପାଳକ ଦୟାନିଧି ଆଶ୍ରିତ, କୋଷାଧକ୍ଷ ପାଳକ ବିଜୟ ଗମ୍ଭାରୀ,ସଦସ୍ୟ ପାଳକ ପାଉଲ ବେନ୍ୟା ପ୍ରମୁଖ ମାନଙ୍କ ସହଯୋଗରେ ସାଫଲ୍ୟ ମଣ୍ଡୀତ ହୋଇଥିଲା । ଆଗାମୀ ଦିନରେ ଏହି ଶାଲୋମ ଓଲ ଡିନାମିଶନ ପାଷ୍ଟର ଫେଲସିପ ଦ୍ୱାରା ପୁରା ଅଭିଭକ୍ତ କୋରାପୁଟ ଜିଲ୍ଲାରେ ଏକତା ହୋଇ ବିଭିନ୍ନ ପ୍ରକାରର ସାମାଜିକ ଉନ୍ନତି ମୂଳକ କାର୍ଯ୍ୟ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ।

# ନର୍ଲାରେ ଯାଦବ ମହାସଭାର ସାଙ୍ଗଠନିକ ବୈଠକ



ଭବାନୀପାଟଣା, ୧୨/୧୨(ନି.ପ୍ର): ନର୍ଲା ଯାଦବ ଭବନ ଠାରେ ଗୁରୁବାର ଯାଦବ ମହାସଭାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠି ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୧୩ଗୋଟି ବ୍ଲକର ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବ୍ଲକ ଉପସଭାପତି ଦୁର୍ଲ୍ଲଭ ମାହାର ସ୍ୱାଗତ ଅଭିଭାଷଣ ଓ ବୈଠକର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ଆଗାମୀ ନବମ ଯାଦବ ମହାସଭା ନର୍ଲାରେ ହେବାକୁ ସ୍ଥିରିକୃତ ହୋଇଥିବାରୁ ଏହା କିପରି ବ୍ୟବସ୍ଥିତ ଢ଼ଙ୍ଗରେ ସଂପାଦିତ ହୋଇପାରିବ ସେନେଇ ଉପସ୍ଥିତ ବ୍ଲକ ସଭାପତି ଓ ଯାଦବ ନେତୃତ୍ୱମାନେ ଗୁରୁତ୍ୱାରୋପ କରିଥିଲେ। ନର୍ଲା ବ୍ଲକ ସମ୍ପାଦକ ଅଜିତ କରୁଆଁ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଧଙ୍ଗଡାମାଝୀ, ଜିଲ୍ଲା ଯୁବ ଯାଦବ ମହାସଭାର ଉପସଭାପତି ସୁନୀଲ କୁମାର ଧଙ୍ଗଡାମାଝୀ, ବରିଷ୍ଠ ଯାଦବ ନେତୃତ୍ୱ ପଦ୍ମଲୋଚନ ଜାଲ, ତ୍ରିଲୋଚନ ନାଏକ, କ୍ଷେତ୍ର ମାହାର ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବ୍ଲକ ସଭାପତି ବୈଠକରେ ଉପସ୍ଥିତ ଥିଲେ। ନର୍ଲା ବ୍ଲକ ଉପସଭାପତି ଗିରିଧାରୀ ଗଉଡ, କୋଷାଧକ୍ଷ ମାର୍କଣ୍ଡ ଜାଲଙ୍କ ସମେତ ମୋହନ ବାଗ, ଦେବରାଜ ବଗର୍ତ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବ୍ଲକ ଉପସଭାପତି ଲିଙ୍ଗରାଜ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ସ୍କୁଲ ଫାଟକରେ ତାଲା ପକାଇ ଧାରଣ ଦେଲେ ମହିଳା



ଲାଞ୍ଜିଗଡ, ୧୨/୧୨(ନି.ପ୍ର): :କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଛତ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଅବ୍ୟବସ୍ଥା । ପ୍ରଧାନ ଶିକ୍ଷୟିତ୍ରୀ ମମତା ସୁନା ମନମୁଖୀ କାର୍ଯ୍ୟକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଲୋକେ କହିବା ଅନୁଯାୟୀ ଛତ୍ରପୁର ସ୍କୁଲ ହଷ୍ଟେଲରେ ଶହେ ଜଣ ଅନ୍ତେବାସୀ ରହୁଥିବା ବେଳେ ସେମାନଙ୍କୁ ରୋଷେଇକରି ଗରମ ରନ୍ଧାଖାଦ୍ୟ ଦେବାପାଇଁ ଛତ୍ରପୁର ଗାଁର ମାଁ ଠାକୁରାଣୀ ଏସ ଏସଜି ଗ୍ରୁପ ସହିତ ଚୁକ୍ତି ହୋଇଥିଲା। ହେଲେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିନା କାରଣରେ ସେମାନଙ୍କ ଠାରୁ ରୋଷେଇ କାର୍ଯ୍ୟ ଛଡ଼େଇ ନେଇ ସେ ନିଜେ ଦାୟିତ୍ୱ ନେଇଛନ୍ତି । ଦୀର୍ଘ ଚାରିମାସ ହେଲା ସେମାନଙ୍କୁ ଅଣଦେଖା କରୁଛନ୍ତି । ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କର୍ଣ୍ଣପାତ କରୁନାହାନ୍ତି । ଏପଟେ ସ୍କୁଲର ମଧ୍ୟାହ୍ନଭୋଜନର ବିଲ ମଧ ଦୀର୍ଘ ଚାରିମାସ ହେଲା ଦିଆଯାଇ ନାହିଁ । ଗରିବ ନିରୀହ ମହିଳା ମାନେ ଧାର ଉଧାର କରି ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି । ବିଲ ପାଇଁ କହିଲେ ପ୍ରଧାନ ଶିକ୍ଷୟିତ୍ରୀ ନାଲି ଆଖି ଦେଖାଉଛନ୍ତି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅଭିଯୋଗ କରିଛନ୍ତି । ଏପଟେ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍କୁଲରେ ରୋଷେଇ କରି ଦିପଇସା ରୋଜଗାର କରି ସ୍ୱାବଲମ୍ବି କରୁଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଏହି ନିୟମକୁ ଉଲଘଂନ କରି ଜୋର ଜବରଦସ୍ତି ଏସ ଏସଜି ଗ୍ରୁପ ଠାରୁ ଦାୟିତ୍ୱ ଛଡ଼ାଇ ନେଇଛନ୍ତି । ତେବେ ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିକୁ ଯଥା ଶିଘ୍ର ଅନ୍ୟତ୍ର ବଦଳି କରା ନ ଗଲେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି । ଏହାକୁ ଛତ୍ରପୁର ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିଙ୍କୁ ପଚାରିବାରୁ ସ୍ୱଂୟ ସହାୟକ ଗୋଷ୍ଠୀ ମହିଳା ମାନେ ନିଜ କାର୍ଯ୍ୟ ଠିକ ଭାବରେ ତୁଳାଉନଥିବାରୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମତେ ରୋଷେଇର ଦାୟିତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିବା ବେଳେ ଏପଟେ ବ୍ଲକ ସାମାଜିକ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ପଚାରିବାରୁ ସେପଟେମ୍ବର ମାସରେ ରୋଷେଇ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ରୋଷେଇ ସାମଗ୍ରୀ ସ୍କୁଲରେ ଯୋଗାଇନଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ ପଚାରିବାରୁ ଏ ପର୍ଯ୍ୟନ୍ତ ମୋ ପାଖକୁ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସି ନାହିଁ ମୁଁ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀକୁ ସେହି ସ୍କୁଲକୁ ପଠାଇ ବୋଲି ପ୍ରକାଶ କରିଥିଲେ।

# ରାତିରେ ଚାଲିଛି ଆରଡ଼ି ରାସ୍ତା କାମ



ଧର୍ମଗଡ, ୧୨/୧୨(ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବିଜୁ ଏକ୍ସପ୍ରେସ ରାସ୍ତା ଜାଦବ ଢାବା ଠାରୁ ବାବେଗୁଡା ରାସ୍ତା କାମ ରାତିରେ ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା କାମଟି ଧର୍ମଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ହେଉଥିବା ବେଳେ ଏହାର ଅଟକଳ ପରିମାଣ ୩କୋଟି ୫୮ ଲକ୍ଷ୍ୟ ୯୩ ହଜାର ଟଙ୍କା ଯାହା ସୂଚନା ଫଳକରେ ଉଲ୍ଲେଖ ଅଛି । ଏହି କାମକୁ ପଡୋଶୀ ନୂଆପଡା ଜିଲ୍ଲାର ଖରିଆର ଗ୍ରାମର ରଘୁନନ୍ଦନ ଅଗ୍ରୱାଲ ଏହି ରାସ୍ତା ନିର୍ମାଣର ଦାୟିତ୍ୱ ନେଇଛନ୍ତି । ଗତ ଗ୍ରୀଷ୍ମ ଋତୁରେ ଏହି କାମଟି ଆରମ୍ଭ ହୋଇଥିଲା । ନିମ୍ନମାନ ର ପିଚୁକାମ ଯୋଗୁଁ ସ୍ତରସ୍ତର ହୋଇ ପିଚୁ ଉଠୁଥିବା ନେଇ ସ୍ଥାନୀୟ ଲୋକେ ବିରୋଧ କରି ବିଭାଗୀୟ ଅଧିକାରୀଙ୍କୁ ମଧ ଲିଖିତ ଅଭିଯୋଗ କରିଥିଲେ। ଯାହାରି ଫଳରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏନେଇ ବିଭିନ୍ନ ଅଭିଯୋଗ ସତ୍ୱେ ତିନି ରୁ ଚାରି ମାସ ହେବ ରାସ୍ତା କାର୍ଯ୍ୟ ବନ୍ଦ ରହିଥିଲା । ବର୍ତ୍ତମାନ ପୁଣି କାମ ଆରମ୍ଭ ହୋଇଥିବା ଦେଖାଦେଇଛି। ଯାହାକି ରାସ୍ତା ରେ ରହିଥିବା ଧୂଳି ଗୁଣ୍ଡ (ଡ଼ଷ୍ଟ) କୁ ମେସିନ କିମ୍ବା ଶ୍ରମିକଙ୍କ ସାହାଯ୍ୟରେ ସଫା କରିବା ସହ ପିଚୁ କାର୍ଯ୍ୟ ଆରମ୍ଭ ନିୟମ ରହିଛି । କିନ୍ତୁ ଠିକାଦାର ଓ ଯନ୍ତ୍ରୀ ଙ୍କ ଖାମଖିଆଲି ମନୋଭାବ ଯୋଗୁଁ ରାତିଅଧିଆ ତରବରିଆ ଭାବରେ କାମ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ରାସ୍ତାଟି ଗ୍ରାମାଞ୍ଚଳ ଭିତରେ ଥିବାରୁ ପ୍ରଶାସନର ନଜର ନାହିଁ କି ବିଭାଗୀୟ ଅଧିକାରୀମାନେ ମଧ୍ୟ ଆସୁ ନାହାନ୍ତି । ଫଳରେ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ମୁନସି ସ୍ଥାନୀୟ ଲୋକଙ୍କୁ ଭୟ ଦେଖାଇ ନିମ୍ନମାନ ର କାମ କରୁଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ସଲା ସୁତରାରେ ହେଉଥିବା ଯୋଗୁଁ ଯେତେ ଅଭିଯୋଗ କଲେ ମଧ ଅଭିଯୋଗର କିଛି ମୁଲ୍ୟ ରହୁନାହିଁ । ଏପଟେ ରାତିରେ କାମ କରିବା ରାସ୍ତା କାମର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାତିରେ କାମ କରାଯାଉଥିବା ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଧର୍ମଗଡ଼ର ଏସଡ଼ିଓ ରାଜେନ୍ଦ୍ର ମାଝୀଙ୍କୁ ଫୋନ ଯୋଗେ ପଚାରିଲେ ଆମେ ଅଫିସରେ ରହି ସବୁ କାମ ତଦନ୍ତ କରୁଛୁ ବୋଲି କହି ଓଲଟା ଗଣମାଧ୍ୟମ ପ୍ରତିନିଧିଙ୍କୁ ଧମକ ଦେଉଛନ୍ତି। ଏ ନେଇ ଗଣମାଧମ ପ୍ରତିନଧିଙ୍କ ଉପରେ ଅସନ୍ତୋଷ ଦେଖା ଦେଇଛି।ତୁରନ୍ତ ଜିଲ୍ଲା ପ୍ରଶାସନ ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବୀ ହେଉଛି ।

# ମୁଖ୍ୟ ମନ୍ତ୍ରୀ ଜନଜାତି ଜୀବିକା ମିଶନ କ୍ଷେତ୍ର ପରିଦର୍ଶନ କଲେ କନ୍ଧମାଳ ଜିଲ୍ଲାପାଳ



ଘୁ ଉଦୟଗିରି: ୧୨/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ପଞ୍ଚାୟତର ଡ଼ାକପଲା ଗ୍ରାମକୁ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ମୁଖ୍ୟ ମନ୍ତ୍ରୀ ଜନଜାତି ଜୀବିକା ମିଶନ ତରଫରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାଲିଗୁଡା ସହଯୋଗରେ ହୋଇଥିବା ଡାକପଲା ଜନଜାତି ଜୀବିକା ପରିଷଦର କ୍ଷେତ୍ର ପରିଦର୍ଶନ କରିଥିଲେ । ଘୁ. ଉଦୟଗିରିରେ ଥିବା ସିଲେଇ ସେଣ୍ଟର୍ କୁ ଯାଇ ଉତ୍ପାଦକ ଗୋଷ୍ଠିର ମାଆ ମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ ତାପରେ ଡାକପଲା ଗ୍ରାମକୁ ଯାଇଥିଲେ ଓ ସେଠାରେ ଆନନ୍ଦ ଉଲ୍ଲାସ ସହିତ ସ୍ୱାଗତ କରିଥିଲେ । ପରେ କଫି ଚାଷ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତି କିପରି କରିବେ ସେ ବିଷୟରେ ଗ୍ରାମବାସୀଙ୍କୁ ବୁଝେଇ ଥିଲେ ଏବଂ ଗ୍ରୀନ ମଟର ଚାଷ ଜମିକୁ ଯାଇ କ୍ଷେତ୍ର ପରିଦର୍ଶନ କରି ଗ୍ରାମବାସୀ ମାନଙ୍କର ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ ଓ ସେମାନଙ୍କୁ ମସଲା ଜାତ ଦ୍ରବ୍ୟ ଉତ୍ପାଦନ କରିବା ବା ଚାଷ ଜୈବିକ ପଦ୍ଧତିରେ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଆଇଟିଡିଏ ବାଲିଗୁଡାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ପ୍ରୋଜେକ୍ଟ ଡାଇରେକ୍ଟର ଶମ୍ଭୁନାଥ ନନ୍ଦୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା, ପ୍ରକଳ୍ପ ପ୍ରବନ୍ଧକ ସମିରନ୍ ନାୟକ, କୃଷି ବିଶେଷଜ୍ଞ ରାଜେଶ ପ୍ରଧାନ, ସାମାଜିକ ବିଶେଷଜ୍ଞ ଜଗମହୋନ ପୃଷ୍ଟି ବ୍ଲକ ଜୀବିକା ବିଶେଷଜ୍ଞ ମଜେଶ କୁମାର ନାୟକ, ରୋହିମୁଦ ନାୟକ ସମେତ ଜନଜାତି ଜୀବିକା ପରିଷଦର ସାଥୀ ଚରଣ ପ୍ରଧାନ, ବିକି ପ୍ରଧାନ, ବିକାଶ ପ୍ରଧାନ, ସୁଯୋଗନନ୍ଦ୍ ପ୍ରଧାନ ଓ ୧୩ ଜଣିଆ କମିଟିର କର୍ମକର୍ତ୍ତା ଓ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

# ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳିତ

ବୌଦ୍ଧ, ୧୨/୧୨(ନି.ପ୍ର): ବୌଦ୍ଧ ଜିଲ୍ଲା ମୁଖ୍ୟ କୃଷି ଆଧିକାରୀଙ୍କ ଆତ୍ମା କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଜଳ ବିଭାଜିକା ମିଶନ ତଥା ମୃତିକା ସରଂକ୍ଷଣ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ସଂମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ବୌଦ୍ଧ ପାଳଝାର ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡା ତାପସ କୁମାର ଦାସ, ଉପ -ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଯୋଗେନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିବାବେଳେ ବୌଦ୍ଧ ଜିଲ୍ଲାର ଅଗ୍ରଣୀ ଚାଷୀ ମାନେ ଅଂଶ ଗ୍ରହଣ କରିଥିଲେ । ଅତିଥି ମାନଙ୍କ ବକ୍ତବ୍ୟରେ ମାଟିକୁ ନିଜର ମା କହିଥିବା ବେଳେ ତାର ଯତ୍ନ ନେବା ଅତ୍ୟନ୍ତ ଜରୁରୀ ମନେ କରି ସମସ୍ତ ଚାଷୀ ମାନଙ୍କୁ ଅନୁରୋଧ କରିଥିଲେ । ଦ୍ୱିତୀୟ ଅଧିବେଶନରେ କୃଷକ ଓ ବିଶେଷଜ୍ଞ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡା ମୟୁରୀ ସିଂ ସରଦାର, ଡା ସମାପିକା ଦଳାଇ,ସସ୍ମିତା ପାଳ ଙ୍କ ସମେତ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ର/ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ଓ ତାଙ୍କୁ ଅତିଥି ମନେ ସମ୍ମାନପତ୍ର ପ୍ରଦାନ କରିଥିଲେ ।

## ସଂପାଦକୀୟ

# ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟ ଶିକ୍ଷା

ଶିକ୍ଷା ହେଉଛି ସାମାଜିକ ବିକାଶ ଓ ଅର୍ଥନୈତିକ ପ୍ରଗତିର ଏକ ସଫଳ ମାଧ୍ୟମ। ଗରିବ ଓ ସମାଜର ଅବହେଳିତ ଓ ପଛୁଆ ବର୍ଗଙ୍କୁ ମୁଖ୍ୟସ୍ରୋତରେ ପହଞ୍ଚାଇବାରେ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା ହେଉଛି ସାମାଜିକ ବିକାଶ ଓ ଅର୍ଥନୈତିକ ପ୍ରଗତିର ଏକ ସଫଳ ମାଧ୍ୟମ। ଗରିବ ଓ ସମାଜର ଅବହେଳିତ ଓ ପଛୁଆ ବର୍ଗଙ୍କୁ ମୁଖ୍ୟସ୍ରୋତରେ ପହଞ୍ଚାଇବାରେ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହିପରି ଏକ ବ୍ୟକ୍ତିର ଗୁଣାତ୍ମକ ମାନ ସେହି ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଅନେକାଂଶରେ ନିର୍ଭର କରିଥାଏ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ଶିକ୍ଷାର ଅର୍ଥ ହେଉଛି ଏକ ବ୍ୟକ୍ତି ମଧ୍ୟରେ ରହିଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ଓ ପୂର୍ଣ୍ଣତାର ପରିପ୍ରକାଶ। ଆମ ଦେଶର ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ଏକ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଯଥା ଶାରୀରିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ଏହି ଦୃଷ୍ଟିରୁ ଏକ ଦେଶର ଶିକ୍ଷା ବ୍ୟବସ୍ଥା ଯେତିକି ବ୍ୟବସ୍ଥିତ, ଶୃଙ୍ଖଳିତ ଓ ସୃଜନଶୀଳ ହୁଏ ସେହି ଦେଶ ସେତିକି ଉନ୍ନତ ଓ ପ୍ରଗତିଶୀଳ ହୁଏ ବୋଲି ଅନେକ ମନୀଷୀ ମତପୋଷଣ କରିଛନ୍ତି। ଆମ ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଅଛି ଏବଂ ସମସ୍ତେ ପରସ୍ପରର ପରିପୂରକ। ଅର୍ଥାତ୍? ଯଦି ପ୍ରାଥମିକ ସ୍ତରରେ ଶିକ୍ଷାର ସ୍ଥିତି ଦୁର୍ବଳ ହୁଏ ତେବେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସମ୍ଭବପର ହୋଇପାରେ ନାହିଁ। ଭାରତ ସ୍ୱାଧୀନ ହେବା ପରେ ଅନେକ ଶିକ୍ଷା ନୀତି କାର୍ଯ୍ୟକାରୀ ହେବା ସହିତ ଅନେକ ଶିକ୍ଷା ଆୟୋଗ ଗଠନ କରାଯାଇଅଛି। ଏହି ଦୃଷ୍ଟିରୁ ୧୯୬୮ ମସିହାରେ ତତ୍?କାଳୀନ ଇନ୍ଦିରା ଗାନ୍ଧୀ ସରକାର କୋଠାରୀ ଆୟୋଗଙ୍କ ତଥ୍ୟର ସୁପାରିସ ଭିତ୍ତିରେ ପ୍ରଥମ ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ହାସଲ କରିବା ପାଇଁ ସମସ୍ତଙ୍କୁ ସମାନ ଶିକ୍ଷାଗତ ସୁଯୋଗ ଯୋଗାଇଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ତ୍ରିଭାଷୀ ସୂତ୍ର କାର୍ଯ୍ୟକାରୀ କରିବାପାଇଁ ମଧ୍ୟ କୁହାଯାଇଥିଲା। ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ସହିତ ଶିକ୍ଷକମାନଙ୍କର ଯୋଗ୍ୟତା ଓ ତାଲିମ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ୧୯୮୬ ମସିହାରେ ରାଜୀବ ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାର ଆମ ଦେଶରେ ଦ୍ୱିତୀୟ ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ଏହି ନୀତିରେ ନାରୀ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଶିକ୍ଷାରେ ବିକାଶ ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଦେଶରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ସ୍ଥିତିର ଉନ୍ନତି ପାଇଁ 'ଅପରେସନ୍ ବ୍ଲାକ୍?ବୋର୍ଡ'ର କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଥିଲା। ଦେଶରେ ଅର୍ଥନୈତିକ ତଥା ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ ଆଧାରିତ 'ଗ୍ରାମୀଣ ବିଶ୍ୱବିଦ୍ୟାଳୟ'ର ମଡେଲ୍ ସୃଷ୍ଟି କରିବାକୁ କୁହାଯାଇଥିଲା। ଦେଶରେ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଚଳନର ତତ୍ତ୍ୱ ସହିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ମଧ୍ୟ କରାଯାଇଥିଲା। ଏହି ଶିକ୍ଷା ନୀତି ଦେଶର ମୋଟ ଜିଡିପିର ୬% ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ପାଇଁ ପରାମର୍ଶ ଦେଇଥିଲା। ପରବର୍ତ୍ତୀ ସମୟରେ ୧୯୯୨ ମସିହାରେ ପି. ଭି. ନରସିଂହ ରାଓଙ୍କ ସରକାର ଶିକ୍ଷା ନୀତିରେ କିଛି ସଂଶୋଧନ କରି, ପୂର୍ବ ଶିକ୍ଷା ନୀତିରେ ଥିବା ଅସମାପ୍ତ କାର୍ଯ୍ୟକୁ ପୂରଣ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। ବୈଷୟିକ ଶିକ୍ଷାକୁ ପ୍ରଭାବୀ କରିବା ଏହାର ଲକ୍ଷ୍ୟ ଥିଲା। ସେହିପରି ୨୦୨୦ ମସିହାରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଆମ ଦେଶରେ ତୃତୀୟ ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିଛନ୍ତି, ଯାହାକି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ନୀତିରେ ଭାରତର ପରମ୍ପରା ଓ ସାଂସ୍କୃତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବିସ୍ତୃତ ଦୃଷ୍ଟିକୋଣ ପ୍ରଦାନ କରିବା ସହିତ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ନିୟମାବଳୀର ସଂଶୋଧନ ଓ ନବୀକରଣ ପାଇଁ ପ୍ରସ୍ତାବ ଦିଆଯାଇଅଛି। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଅର୍ଥନୈତିକ ଅନଗ୍ରସରତା କାରଣରୁ ଯେମିତି କୌଣସି ଶିଶୁ ସାର୍ବଜନୀନ ଗୁଣାତ୍ମକ ଶିକ୍ଷା ପ୍ରାପ୍ତିରୁ ବଂଚିତ ନ ହୁଅନ୍ତି କିମ୍ବା ବିଦ୍ୟାଳୟ ପରିତ୍ୟାଗ ନ କରନ୍ତି ତାହା ସୁନିଶ୍ଚିତ କରିବା ଏହି ଶିକ୍ଷା ନୀତିର ଏକ ମୌଳିକ ଲକ୍ଷ୍ୟ। ପ୍ରାଚୀନ ଭାରତର ସମୃଦ୍ଧଶାଳୀ ଜ୍ଞାନ ପରମ୍ପରା ହେଉଛି ଏହି ଶିକ୍ଷା ନୀତିର ମାର୍ଗଦର୍ଶିକା। ଏହି ଶିକ୍ଷା ନୀତି ବିକଶିତ ଭାରତ ନିର୍ମାଣରେ ସହାୟକ ହେବା ସହିତ ଏକବିଂଶ ଶତାବ୍ଦୀ ପାଇଁ ଆବଶ୍ୟକ ଉନ୍ନତ ଜ୍ଞାନ କୌଶଳରେ ଦକ୍ଷତା ହାସଲ କରିବାର ଆକାଂକ୍ଷା ରଖୁଥିବା ଛାତ୍ର ସମାଜକୁ ପ୍ରତିଫଳିତ କରିପାରିବ ବୋଲି ବିଶ୍ୱାସ।

କେନ୍ଦ୍ର ସରକାର ପ୍ରଣୟନ କରିଥିବା ଶିକ୍ଷା ନୀତି ଅନେକ ରାଜ୍ୟ ଗ୍ରହଣ କରି ଏହାକୁ କାର୍ଯ୍ୟକାରୀ କରିଥିବା ବେଳେ ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ୨୦୨୫-୨୦୨୬ ଶିକ୍ଷା ବର୍ଷରୁ ଏହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ ହେବା ସହିତ ୬ ଗୋଟି ବିଷୟଗତ ସବ୍-କମିଟି ଗଠନ କରାଯାଇଅଛି। ଏହି ସବ୍-କମିଟିରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ସମେତ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଓ ଶିକ୍ଷାବିତ୍?ମାନଙ୍କୁ ସାମିଲ କରାଯାଇଅଛି। ଏହି ସବ୍-କମିଟି ଡିସେମ୍ବର ୧୫ ତାରିଖ ସୁଦ୍ଧା ଟାସ୍କ ଫୋର୍ସଙ୍କୁ ତାଙ୍କର ସୁପାରିସ ପ୍ରଦାନ କରିବେ। ଜାନୁଆରି ୧୫ ତାରିଖ ସୁଦ୍ଧା ଟାସ୍କ ଫୋର୍ସ ଏହି ସୁପାରିସକୁ ମୋହର ମାରିବା ପରେ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମାର୍ଚ୍ଚ ମାସ ସୁଦ୍ଧା ଚିଠା ନୀତି ପ୍ରସ୍ତୁତ କରିବେ ଏବଂ ସରକାର ଏହି ନୀତିକୁ ଅନୁମୋଦନ କରିବା ପରେ ଆମ ରାଜ୍ୟରେ ଏହି ନୀତି କାର୍ଯ୍ୟକାରୀ ହୋଇପାରିବ। ଏହି ପ୍ରବନ୍ଧରେ ଗଣଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତିର କିଛି ବ୍ୟବସ୍ଥା ଉପରେ ଆଲୋକପାତ କରିବା।ଏହି ନୀତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବର୍ତ୍ତମାନ ବିଦ୍ୟାଳୟ ଶିକ୍ଷାରେ ପ୍ରଚଳିତ ୧୦+୨ ବ୍ୟବସ୍ଥାର ଅବସାନ ଘଟିବ। ଅର୍ଥାତ୍? ବର୍ତ୍ତମାନର ବ୍ୟବସ୍ଥାରେ ଜଣେ ଛାତ୍ର ପ୍ରଥମ ୮ ବର୍ଷ ପ୍ରାଥମିକ, ୨ ବର୍ଷ ମାଧ୍ୟମିକ ଓ ଆଉ ୨ ବର୍ଷ ଉଚ୍ଚମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନ କରୁଅଛି। ମାତ୍ର ନୂତନ ବ୍ୟବସ୍ଥାରେ ଏହାକୁ ପରିବର୍ତ୍ତିତ କରାଯାଇ ଛାତ୍ରମାନଙ୍କ ପାଇଁ ଶିକ୍ଷଣକୁ ସୁଗମ କରିବା ପ୍ରୟାସରେ ୫+୩+୩+୪ ବ୍ୟବସ୍ଥାର ପ୍ରଚଳନ କରାଯାଇଅଛି। ଏଥିରେ ପ୍ରଥମ ପାଞ୍ଚ ବର୍ଷର ଶିକ୍ଷାକୁ ପ୍ରାରମ୍ଭ ଶ୍ରେଣୀ ବା ଭିତ୍ତିଭୂମି ପର୍ଯ୍ୟାୟ, ପରବର୍ତ୍ତୀ ୩ ବର୍ଷକୁ ପ୍ରସ୍ତୁତି ଶ୍ରେଣୀ, ତତ୍?ପରେ ଆଉ ତିନି ବର୍ଷକୁ ମଧ୍ୟ ଶ୍ରେଣୀ ଓ ଶେଷ ଚାରି ବର୍ଷକୁ ମାଧ୍ୟମିକ ଶ୍ରେଣୀ ବୋଲି କୁହାଯାଇଅଛି। ସମସ୍ତ ପର୍ଯ୍ୟାୟରେ ପାଠ୍ୟକ୍ରମ ଓ ଶିକ୍ଷାଗତ ସଂସ୍କାରର ମୁଖ୍ୟ ସାମଗ୍ରିକ ବିଷୟ ହେଉଛି ଶିକ୍ଷା ଗ୍ରହଣକୁ ପ୍ରକୃତ ଅର୍ଥରେ ବୁଝିବା। ପାଠ୍ୟକ୍ରମ ଓ ଶିକ୍ଷା ଗ୍ରହଣର ଲକ୍ଷ୍ୟ କେବଳ ଜ୍ଞାନଗତ ବିକାଶର ବୃଦ୍ଧି ନୁହେଁ ବରଂ ଉତ୍ତମ ଚରିତ୍ର ଗଠନ ସହିତ ଏକବିଂଶ ଶତାବ୍ଦୀର ଉନ୍ନତ ଜ୍ଞାନକୌଶଳ ହାସଲ ସହିତ ଏକ ସୁଦୃଢ଼ ବ୍ୟକ୍ତିବିଶେଷ ତିଆରି କରିବା ଏହି ନୀତିର ଲକ୍ଷ୍ୟ। ଏହି ବ୍ୟବସ୍ଥାରେ ଘୋଷାଘୋଷି କରି ଅଧିକ ନମ୍ବର ହାସଲ କରିବାର ପ୍ରକ୍ରିୟାକୁ ସଂପୂର୍ଣ୍ଣ ହ୍ରାସ କରିବା ସହିତ ଅତ୍ୟାବଶ୍ୟକ ଶିକ୍ଷଣ, ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା, ଆଲୋଚନା ଓ ବିଶ୍ଳେଷଣ ଆଧାରିତ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରାଯାଇଅଛି। ସମସ୍ତ ପର୍ଯ୍ୟାୟରେ ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରାଧାନ ଦିଆଯିବା ସହିତ ହ୍ୟାଣ୍ଡ-ଅନ୍ ଲର୍ଣ୍ଣିଂ, କଳା ଓ କ୍ରୀଡ଼ା-ଏକୀକୃତ ଶିକ୍ଷା, କାହାଣୀ-ଆଧାରିତ ଶିକ୍ଷାଦାନକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ନୂତନ ଜ୍ଞାନକୌଶଳ ହାସଲ କରିବା ପାଇଁ ଶିକ୍ଷା କ୍ଷେତ୍ରରେ ପ୍ରୋଦ୍ୟୋଗିକ ବିଦ୍ୟାର ବ୍ୟାପକ ବ୍ୟବହାରକୁ ଏହି ନୀତିରେ ପ୍ରୋତ୍ସାହିତ କରାଯାଇଅଛି। ବିଶେଷକରି ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ଗଣିତ ବ୍ୟତୀତ ଶାରୀରିକ ଶିକ୍ଷା, କଳା, ହସ୍ତଶିଳ୍ପ ଓ ଧନ୍ଦାମୂଳକ ଶିକ୍ଷା ଭଳି ବିଷୟଗୁଡ଼ିକ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହି ସବୁ ବିଷୟଗୁଡ଼ିକୁ ମୁକ୍ତ ଭାବେ ଚୟନ କରିବାରେ ସୁଯୋଗ ଦିଆଯିବ, ଯାହା ଦ୍ୱାରା ସେମାନେ ଅଧ୍ୟୟନ ଓ ଜୀବନ ପରିକଳ୍ପନାର ନିଜସ୍ୱ ଯୋଜନା ପ୍ରସ୍ତୁତ କରିପାରିବେ। ଏହି ନୀତିରେ ମାତୃଭାଷା ଓ ଆଞ୍ଚଳିକ ଭାଷାରେ ଶିକ୍ଷା ଗ୍ରହଣ କରିବାର ପଦ୍ଧତିକୁ ବିଶେଷ ଭାବରେ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ଏହା ସତ୍ୟ ଯେ ଛୋଟ ପିଲାମାନେ ଅଣ-ଗୁରୁତ୍ୱପୂର୍ଣ୍ଣ ଧାରଣାଗୁଡ଼ିକୁ ସେମାନଙ୍କ ମାତୃଭାଷାରେ ଶୀଘ୍ର ଶିଖିପାରନ୍ତି। ଜଣେ ଛାତ୍ରକୁ ତା'ର ମାତୃଭାଷା କେବଳ ଭାବର ବିକାଶରେ ସାହାଯ୍ୟ କରି ନଥାଏ ବରଂ ମାନସିକ ବିକାଶରେ ମଧ୍ୟ ସାହାଯ୍ୟ କରିଥାଏ। ସେଥିପାଇଁ ଜାତୀୟ ଶିକ୍ଷା ନୀତିରେ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦିଆଯାଇଅଛି। ଏହା ନିଶ୍ଚିତ ଭାବରେ ପିଲାମାନଙ୍କର ଜ୍ଞାନଗତ ଅଭିବୃଦ୍ଧିକୁ ସାହାଯ୍ୟ କରିବ ଏବଂ ସେମାନଙ୍କ ପାଇଁ ଶିକ୍ଷାକୁ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନନ୍ଦଦାୟକ କରିବ। ଏହି ଶିକ୍ଷା ନୀତିରେ ସାର୍ବଜନୀନ ଶିକ୍ଷା ସହିତ ଧନ୍ଦାମୂଳକ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ବିଶେଷ କରି ପୂର୍ବ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଅନେକ ଛାତ୍ର ଅଷ୍ଟମ ଶ୍ରେଣୀ ପରେ ବିଦ୍ୟାଳୟ ଶିକ୍ଷା ଛାଡ଼ି ଦେଇଥାନ୍ତି। ତଥ୍ୟ ଅନୁଯାୟୀ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକ ବିଦ୍ୟାଳୟରେ ଛାତ୍ର ପ୍ରତିଶତ ୯୦.୯ ଥିବା ବେଳେ, ନବମରୁ ଦଶମ ପର୍ଯ୍ୟନ୍ତ ଏହି ପ୍ରତିଶତ କମିଯାଇ ୭୯.୫ରେ ସୀମିତ ରହିଥାଏ ଏବଂ ଏକାଦଶ-ଦ୍ୱାଦଶ ଶ୍ରେଣୀରେ ଏହି ପ୍ରତିଶତ ଆହୁରି କମିଯାଇ ୫୬.୫ ପ୍ରତିଶତକୁ ଖସି ଆସିଥାଏ। ତେଣୁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ୧୦୦ ପ୍ରତିଶତ ନାମଲେଖା ଅନୁପାତ ହାସଲ କରିବା ପାଇଁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଅଛି।

# ଚିନ୍ମୟ ଚେତନା: ଏକ ଜୀବନ୍ତ ଅଭିନୟ

### ସର୍ବେଶ୍ୱର ଜେନା

ସବୁ ଅଭିନେତାଙ୍କ ମନରେ ଉଙ୍କି ମାରୁଥାଏ ଗୋଟିଏ ଅଭିଳାଷ: ନିଜର ଅଭିନୟଟି କେମିତି ଜୀବନ୍ତ ହେବ, ଦର୍ଶକ ଜାଣି ପାରିବେନି ଏଇଟା ଅଭିନୟ ନା ବାସ୍ତବ ଜୀବନର ଏକ ଦୃଶ୍ୟ। ବୋଧେ ଏମିତି ଗୋଟିଏ ଓରମାନ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ରାଳବ ଗ୍ରାମର ଯାତ୍ରା ଅଭିନେତା ବିମ୍ବାଧର ଗୌଡ଼ଙ୍କୁ କବଳିତ କରିଥିଲା। ସବୁ ଅଭିନେତାଙ୍କ ମନରେ ଉଙ୍କି ମାରୁଥାଏ ଗୋଟିଏ ଅଭିଳାଷ: ନିଜର ଅଭିନୟଟି କେମିତି ଜୀବନ୍ତ ହେବ, ଦର୍ଶକ ଜାଣି ପାରିବେନି ଏଇଟା ଅଭିନୟ ନା ବାସ୍ତବ ଜୀବନର ଏକ ଦୃଶ୍ୟ। ବୋଧେ ଏମିତି ଗୋଟିଏ ଓରମାନ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ରାଳବ ଗ୍ରାମର ଯାତ୍ରା ଅଭିନେତା ବିମ୍ବାଧର ଗୌଡ଼ଙ୍କୁ କବଳିତ କରିଥିଲା। 'ରାମାୟଣ' ନାଟକରେ ଜଣେ ସାଧାରଣ ରାକ୍ଷସ - ରାବଣ ହୋଇଥିଲେ କଥା ଅଲଗା ହୋଇଥାନ୍ତା - ର ଭୂମିକା, ସେଥିରେ ଅଭିନୟର ନିପୁଣତା ଦେଖାଇବାର ଅବସର ବା କେତେ? କିନ୍ତୁ ଗୌଡ଼ ତାଙ୍କ କଳାକୁ ଅବିସ୍ମରଣୀୟ କରି ତୋଳିବାକୁ ଏମିତି 'ଜୀବନ୍ତ ଅଭିନୟ' କରି ପକାଇଲେ ଯେ ତାହା ସାରା ଦେଶରେ ଗୁଞ୍ଜରଣ ସୃଷ୍ଟି କରି ଦେଲା।ଅଭିନୟଟି ଥିଲା ଏହିପରି। ଗୋଟିଏ ଘୁଷୁରିକୁ ପେଣ୍ଡାଲର ଊର୍ଦ୍ଧ୍ୱ ଦେଶରୁ ଦଉଡ଼ିରେ ବାନ୍ଧି ତଳକୁ ଝୁଲାଇ ଦିଆଗଲା। ତଳେ ଥିଲେ ରାକ୍ଷସ ଅଭିନୟରେ ଅବତୀର୍ଣ୍ଣ ହୋଇଥିବା ଗୌଡ଼, ହାତରେ ଗୋଟିଏ ତୀକ୍ଷ୍?ଣ ଛୁରୀକା ସହତ। ନାଚକୁଦ ଓ ଅଟ୍ଟହାସ୍ୟ ଭିତରେ ସେ ଆରମ୍ଭ କରିଦେଲେ ଛଟପଟ ହେଉଥିବା ନିରୀହ ପଶୁଟି ଉପରେ ଛୁରୀକାଘାତ। ଜୀବନ୍ତ ପଶୁଟିର ଶରୀରକୁ ଗୋଟିଏ ଶକ୍ତ ପ୍ରହାର ପୂର୍ବକ ତା' ଦେହରୁ ପୁଳାଏ ମାଂସ ବାହାର କରି ଆଣି ଗୌଡ଼ ନିଜ ପାଟିରେ ପୁରାଇ ଚୋବେଇବାକୁ ଆରମ୍ଭ କରିଦେଲେ। ଏ ସବୁ ଘଟି ଚାଲିଥାଏ ବିଚରା ପଶୁଟି ଅସହାୟ ଅବସ୍ଥାରେ ଝୁଲି ରହି ନିଜର ଶେଷ ନିଃଶ୍ୱାସ ତ୍ୟାଗ କରୁଥିବା ବେଳେ। ଚରିତ୍ରର ଅଟ୍ଟହାସ୍ୟ, ଉଚ୍ଚାଟଭରା ଯାତ୍ରା ସଂଗୀତ ଓ ଦର୍ଶକମାନଙ୍କର ହର୍ଷୋଲ୍ଲାସଭରା ଚିତ୍କାର ଫେଣ୍ଟାଫେଣ୍ଟି ହୋଇ ସତେ ଯେମିତି ଅର୍ଦ୍ଧ ମୃତ ପ୍ରାଣୀଟିର ବିକଳ ଚିତ୍କାରକୁ ଉପହାସ କରୁଥିଲେ। ସେ ଦିନ ସନ୍ଧ୍ୟାର ମୃତ୍ୟୁ ଯଜ୍ଞ ଏହି ଲୋମହର୍ଷଣକାରୀ ପର୍ବ ପରେ ସମାପିତ ହୋଇଥାନ୍ତା ଭଲା! ନା! ଗୌଡ଼ଙ୍କର ପ୍ରଦର୍ଶନର ସଫଳତାରେ ଉତ୍ସାହିତ ହୋଇ ଅନ୍ୟ ଅଭିନେତାମାନେ ପରେ ଜୀବନ୍ତ କୁକୁଡ଼ା ଭକ୍ଷଣ ଓ ବିଷଧର ସର୍ପ ସହ ଲଢ଼େଇ ମଧ୍ୟ ପ୍ରଦର୍ଶିତ କରିଥିଲେ। ସାରା ରାତିଟି ଯେମିତି ଅସହାୟ ପଶୁଙ୍କୁ ହତ୍ୟା ଓ ବର୍ବରତା ପ୍ରଦର୍ଶନ ପାଇଁ ଉତ୍ସର୍ଗୀକୃତ ହୋଇ ସାରିଥିଲା। ପରେ ବିଧାନସଭାରେ ପ୍ରସଙ୍ଗଟି ଚର୍ଚ୍ଚା ଭିତରକୁ ଆସିଲା ତଥା ଅଭିନେତା ଓ ଆୟୋଜକଙ୍କୁ ଗିରଫ ମଧ୍ୟ କରାଗଲା। ମଣିଷ ଜାତି ପାଇଁ ରକ୍ତ-ରଂଜିତ ମନୋରଞ୍ଜନ କିଛି ନୂଆ କଥା ନୁହେଁ। ପୁରାତନ ରୋମ୍? ସଭ୍ୟତାରେ ନଗର



ବାସୀଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଦୁଇ ଗ୍ଲାଡିଏଟର୍?ଙ୍କ ମଧ୍ୟରେ ଏମିତି ଲଢ଼େଇର ଆୟୋଜନ କରାଯାଉଥିଲା, ଯାହାର ଶେଷରେ ଦୁଇ ପ୍ରତିଯୋଗୀ ଭିତରୁ ଜଣେ ମରିବ ହିଁ ମରିବ। ପରାଜିତ ଯୋଦ୍ଧାକୁ ବିଜୟୀ ହତ୍ୟା କରିବ, ସମ୍ରାଟ ଓ ଦର୍ଶକଙ୍କ ଚିତ୍ତ ବିନୋଦନ ପାଇଁ। ବେଳେବେଳେ ରୋମ୍?ର କୋଲସିଅମ୍?ରେ ଏହି ଲଢ଼େଇ ଜଣେ ମଣିଷ ଓ ସିଂହ ଭଳି ହିଂସ୍ର ଜନ୍ତୁ ଭିତରେ ଆୟୋଜିତ କରାଯାଉଥିଲା ଏବଂ ଏଥିରେ ମଧ୍ୟ ଜଣେ ତା'ର ପ୍ରତିଦ୍ୱନ୍ଦ୍ୱୀକୁ ମାରିପାରିଲେ ଯାଇ ନିଜେ ବଞ୍ଚି ରହୁଥିଲା। ରୋମ୍?ର ନାଗରିକମାନେ ଏହି ମୃତ୍ୟୁର ଲଢ଼େଇ ଦେଖିବା ପାଇଁ ଖୁବ୍? ଉତ୍ସାହିତ ଥିଲେ। ହୁଏତ ସେଇଥି ପାଇଁ ରୋମ୍?ର ପ୍ରସିଦ୍ଧ ସମ୍ରାଟ ଜୁଲିଅସ ସିଜ ର୍? ତାଙ୍କ ପିତାଙ୍କ ମୃତ୍ୟୁରେ ଶୋକ ମନେଇବା ପାଇଁ ୩୨୦ଟି ଏମିତି ଗ୍ଲାଡିଏଟ ର୍? ଲଢ଼େଇର ବ୍ୟବସ୍ଥା କରିଥିଲେ। ଗ୍ଲାଡିଏଟ ର୍?ମାନେ ସାଧାରଣତଃ କ୍ରୀତଦାସ କିମ୍ବା ପରାଜିତ ସୈନିକମାନଙ୍କ ଭିତରୁ ବଛା ହେଉଥିଲେ ଓ ଏହି ଶ୍ରେଣୀର ବ୍ୟକ୍ତିମାନଙ୍କୁ ରୋମ୍?ବାସୀ ମାନବେତର ପ୍ରାଣୀ ହିସାବରେ ଗଣୁଥିଲେ। ଆଉ ପଶୁ ପକ୍ଷୀଙ୍କ କଥାକୁ ପଚାରେ ବା କିଏ? ମନୋରଞ୍ଜନ ସହିତ ବର୍ବରତାର ସେହି ସମ୍ପର୍କ କାଳକାଳକୁ ସଂପ୍ରସାରିତ ହୋଇ ଆସିଛି। ଆଜିକାଲି ଚଳଚ୍ଚିତ୍ରର ଆଦ୍ୟ ଭାଗରେ ଗୋଟିଏ ଘୋଷଣା ଦେଖିବାକୁ ମିଳେ ଯେ ସେହି ଚଳଚ୍ଚିତ୍ରଟିର ପ୍ରସ୍ତୁତି ବେଳେ ପଶୁପକ୍ଷୀମାନଙ୍କର କିଛି କ୍ଷତି କରାଯାଇ ନାହିଁ। ଏହି ଘୋଷଣାନାମାର ପୃଷ୍ଠଭୂମିରେ ରହିଛି ଅତୀତରେ ସିନେମା ନିର୍ମାଣ ସମୟରେ ପଶୁପକ୍ଷୀଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବର୍ବରତା। ଦୃଶ୍ୟକୁ ବାସ୍ତବଧର୍ମୀ କରିବା ପାଇଁ ପୂର୍ବେ ବିନା ଦ୍ୱିଧାରେ ପଶୁପକ୍ଷୀଙ୍କୁ ବଧ କରୁଥିଲେ ନିର୍ଦ୍ଦେଶକମାନେ। ହଲିଉଡ୍?ର ନାମଜାଦା ନିର୍ଦ୍ଦେଶକ ଫ୍ରାନସିସ୍? ଫୋର୍ଡ କପୋଲା ତାଙ୍କର ସୁନାମଧନ୍ୟ 'ଗଡ୍?ଫାଦ ର୍?' ଚଳଚ୍ଚିତ୍ରରେ ଗୋଟିଏ ଘୋଡ଼ାର ବେକ କାଟି ତା'ର କଟା ମୁଣ୍ଡ ସିନେମାଟିରେ ଦେଖାଇଥିଲେ। ସେମିତି ତାଙ୍କର ପ୍ରସିଦ୍ଧ ଚିତ୍ର 'ଆପକାଲିପ୍?ସ ନାଓ'ରେ ଗୋଟିଏ ଜୀବନ୍ତ ମଇଁଷିକୁ ବଳି ଦେବାର ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ସେମିତି ଭାରତୀୟ ସିନେମାରେ ମଧ୍ୟ ପଶୁ ବଧ ଓ ନିଷ୍ଠୁରତାର ତାଲିକା ଖୁବ୍? ଲମ୍ବା। ପଶୁ ଏପରିକି ମଣିଷଙ୍କ ପ୍ରତି ମଣିଷର ନୃଶଂସତା ଗୋଟିଏ ପଟେ ସମାଜର ସାମୂହିକ ବିବେକକୁ ଦଂଶନ କରୁଛି, ଅଥଚ ସେହି ସମାଜ ଦୈନିକ ରାସ୍ତା କଡ଼ରେ ହଜାରହଜାର ଛେଳି ଓ କୁକୁଡ଼ାଙ୍କ ନିର୍ମମ ହତ୍ୟାକୁ ଅଣଦେଖା କରି ଆଗେଇ ଯାଉଛି। ସେହି ଭଦ୍ର ମଣିଷ ପୁଣି 'ଛାଡ଼ଖାଇ' ପାଳିବା ନାଁରେ କଟା ହୋଇଥିବା ପଶୁଟିର ପସନ୍ଦଯୋଗ୍ୟ ଅଂଶଟି ହାତେଇବା ପାଇଁ ଭିଡ଼ରେ ଲଢ଼େଇ କରୁଛି। ସେହି ମାନବ ସମାଜ ପୁଣି କିଛି ନା କିଛି ଆଳ ଦେଖାଇ ପଶୁବଳି ପ୍ରଥାକୁ ଅବ୍ୟାହତ ରଖିଛି। ୟା'ଠୁ ବଳି କପଟତା ଆଉ କ'ଣ ଥାଇପାରେ? ହୁଏତ ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କୌଣସି ବାଟ ନ ପାଇ ମଣିଷ ହତ୍ୟା ଓ ବର୍ବରତାକୁ ଈଶ୍ୱରଙ୍କ ହାତର କଥା ବୋଲି ଘୋଷଣା କରୁଛି ଓ ନିଜକୁ ଦୋଷମୁକ୍ତ କରୁଛି। ଯେମିତି ପ୍ରସିଦ୍ଧ ନାଟ୍ୟକାର ସେକ୍?ସପିଅ ର୍? ଥରେ ଲେଖିଥିଲେ, 'ଚଗଲା ପିଲାଙ୍କ ହାତରେ କୀଟ ପତଙ୍ଗ ଭଳି ଈଶ୍ୱରଙ୍କ ହାତରେ ମଣିଷ। ସେମାନେ ଆମକୁ ବଧ କରନ୍ତି ତାଙ୍କର ମଉଜ ପାଇଁ ଯାହା।' (କିଙ୍ଗ ଲିଅର)। ପୁଣି ପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟୋଟଲ୍?ଙ୍କ ମତକୁ ଉଦ୍ଧାର କରି ମଣିଷ ହୁଏତ ଯୁକ୍ତି ବାଢ଼ିବ ଯେ ନାଟକରେ ହତ୍ୟା ଓ ଅନ୍ୟାନ୍ୟ ବର୍ବରତା ପ୍ରଦର୍ଶନ ମଣିଷ ମନରେ ଜମାଟ ବାନ୍ଧି ରହିଥିବା ନକାରାତ୍ମକ ଆବେଗଗୁଡ଼ିକର ଶୁଦ୍ଧୀକରଣର ଏକ ଅମୋଘ ଅସ୍ତ୍ର (କଥାରସିସ୍?) ବୋଲି।ରାଳବ ଗ୍ରାମର ସେ ସନ୍ଧ୍ୟାର ଲୋମଟାଙ୍କୁରା ଅଭିନୟର କଥା ବି ଅଚିରେ ଲୁଚି ଯିବ ଏମିତି କିଛି କାବ୍ୟିକ ଓ ଦାର୍ଶନିକ ଯୁକ୍ତିର କୋଳାହଳ ଭିତରେ!

# ବାକୁ ବାକ୍ୟବୀର ନ ହେଉ

### ସାରଦା କର୍

ପାଣିପାଗ ପରିବର୍ତ୍ତନଜନିତ ପ୍ରଳୟରୁ ପୃଥିବୀକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ୧୯୯୪ ମସିହାରେ ସ୍ଥାପିତ ହୋଇଥିଲା ସଂଯୁକ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ଆଲୋଚନା ମଣ୍ଡଳୀ (ୟୁନାଇଟେଡ୍? ନେସନ୍?ସ ଫ୍ରେମ୍?ୱର୍କ କନ୍?ଭେନ୍?ସନ୍? ଅନ୍? କ୍ଲାଇମେଟ୍? ଚେଞ୍ଜ), ଯାହା ୧୯୯୫ ମସିହା... ପାଣିପାଗ ପରିବର୍ତ୍ତନଜନିତ ପ୍ରଳୟରୁ ପୃଥିବୀକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ୧୯୯୪ ମସିହାରେ ସ୍ଥାପିତ ହୋଇଥିଲା ସଂଯୁକ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ଆଲୋଚନା ମଣ୍ଡଳୀ (ୟୁନାଇଟେଡ୍? ନେସନ୍?ସ ଫ୍ରେମ୍?ୱର୍କ କନ୍?ଭେନ୍?ସନ୍? ଅନ୍? କ୍ଲାଇମେଟ୍? ଚେଞ୍ଜ), ଯାହା ୧୯୯୫ ମସିହା ଠାରୁ 'କନ୍?ଫରେନ୍?ସ ଅଫ୍ ପାର୍ଟିଜ୍?' ବା ସଂକ୍ଷେପରେ 'କପ୍?' ନାମରେ ବାର୍ଷିକ ସମ୍ମେଳନମାନ ଦେଖି ଆସୁଛି। ଏଥିରେ ଅନ୍ତର୍ଭୁକ୍ତ ୧୯୮ଟି ସ୍ୱାକ୍ଷରକାରୀ ରାଷ୍ଟ୍ର ପକ୍ଷରୁ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ ଓ ନିବାରଣ ନେଇ ଘମାଘୋଟ ଆଲୋଚନା କରାଯାଉଛି ଏବଂ ଚୁକ୍ତିନାମାମାନ ସ୍ୱାକ୍ଷରିତ କରାଯାଉଛି। ସମସ୍ତେ ଜାଣନ୍ତି ଯେ ଚଳିତ ବର୍ଷ ଆଜରବାଇଜାନର ରାଜଧାନୀ ବାକୁରେ ନଭେମ୍ବର ୧୧ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଏହାର ୨୯ତମ ବୈଠକ ଅନୁଷ୍ଠିତ ହୋଇଗଲା। ଏହି ବିଶ୍ୱସ୍ତରୀୟ ମାନସମନ୍ଥନର ନିଷ୍କର୍ଷ ଓ ନିଷ୍ପତ୍ତି ଉପରେ ସାରା ପୃଥିବୀର ଦୃଷ୍ଟି ଥିଲା। ଆଜି ପର୍ଯ୍ୟନ୍ତ ଆୟୋଜିତ ଏଭଳି ସବୁ ବୈ?ଠକଗୁଡ଼ିକ ମଧ୍ୟରୁ ୨୦୧୫ ମସିହାରେ ପ୍ୟାରିସ୍? ନଗରୀରେ ଆୟୋଜିତ 'କପ୍? ୨୧' ସବୁଠାରୁ ଅଧିକ ଚର୍ଚ୍ଚିତ, ଯାହାର ଫଳଶ୍ରୁତି 'ପ୍ୟାରିସ୍ ରାଜିନାମା' ଭାବେ ଜଣାଶୁଣା। ଏଥିରେ ସ୍ଥିର କରାଯାଇଥିଲା ଯେ ଚଳିତ ଶତାବ୍ଦୀର ଶେଷ ଅର୍ଥାତ୍ ୨୧୦୦ ମସିହା ବେଳକୁ ପୃଥିବୀର ତାପମାତ୍ରାକୁ ପ୍ରାକ୍?-ଶିଳ୍ପାୟନ (୧୮୫୦-୧୯୦୦) କାଳର ତାପମାତ୍ର ଠାରୁ ଅଧିକ ୧.୫ ଡିଗ୍ରି ସେଲ୍?ସିଅସ୍ ମଧ୍ୟରେ ସୀମିତ ରଖିବା। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ 'ସବୁଜ ଗୃହ ଗ୍ୟାସ'ଗୁଡ଼ିକର ଉତ୍ସର୍ଜନ ଓ ନିର୍ଗମନକୁ ଯଥାସାଧ ହ୍ରାସ କରିବା ନିମନ୍ତେ ସଦସ୍ୟ ଦେଶଗୁଡ଼ିକ ରାଜି ହୋଇ ଏହି ଲକ୍ଷ୍ୟରେ କେତେ ଅଗ୍ରଗତି ଲାଭ କଲେଣି, ତାହାର ନିୟମିତ ସମୀକ୍ଷା ଲାଗି ମଧ୍ୟ ସହମତ ହେଲେ। ତା' ପରଠାରୁ 'ପ୍ୟାରିସ୍? ଚୁକ୍ତିନାମା'କୁ କେନ୍ଦ୍ରରେ ରଖି 'କପ୍?' ବୈ?ଠକମାନ ହୋଇ ଚାଲିଛି। କିନ୍ତୁ, ଅସଂଗତିଟି ହେଲା ଏହି ଲକ୍ଷ୍ୟ ପୂରଣ ହେବା ତ ଦୂରର କଥା, ବରଂ ପ୍ରତି ବର୍ଷ ସବୁଜ ଗୃହ ଗ୍ୟାସର ନିର୍ଗମନ ବୃଦ୍ଧି ପାଇବା?ରେ?ର ଲାଗିଛି। କାରଣ ଯେଉଁ ଉତ୍ସାହର ସହିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି, ରୂପାୟନରେ ତାହା ଉଭେଇଯାଉଛି। ପ୍ରକାଶ ଥାଉ କି ୨୦୦୫ ମସିହାରୁ ସବୁଜ ଗୃହ ଗ୍ୟାସ ନିର୍ଗମନରେ ୪୦% ହ୍ରାସ, ପୁନଃ-ନବୀକରଣ ଶକ୍ତିରେ ୨୦% ବୃଦ୍ଧି, ଜୀବାଶ୍ମ ଇନ୍ଧନ ବ୍ୟବହାରରେ ୨୦% ହ୍ରାସ ଭଳି ସଂଦର୍ଭକୁ ନେଇ ତଥ୍ୟ ଓ ବିବରଣୀ ପ୍ରକାଶ ପାଉଛି। ଏଥିରୁ ଦେଖାଯାଉଛି ଯେ ମୁଷ୍ଟିମେୟ କେତେକ ଦେଶ ଏ ଦିଗରେ ନିଷ୍ଠାପର ହୋଇଛନ୍ତି ସିନା, ସାମଗ୍ରିକ ଭାବେ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ଏହି ସମ୍ମିଳନୀ ଥିଲା 'କପ୍? ୨୯', ଯାହାର ମୁଖ୍ୟ ପ୍ରସଙ୍ଗ ଥିଲା ଜଳବାୟୁ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଡ଼ ଓ ସ୍ଲୋଗାନ୍? ଥିଲା 'ଅଧିକ ଆକାଂକ୍ଷା ଓ ବର୍ଦ୍ଧିଷ୍ଣୁ ଦକ୍ଷତା।' ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ବୈ?ଠକରେ ୨୦୦ରୁ ଅଧିକ ଦେଶର ଶାସକ, ପ୍ରଶାସକ, ଗବେଷକ, ପରିବେଶବିତ୍? ଓ ବ୍ୟବସାୟୀ ପାଣିପାଗ ପୁଞ୍ଜି ନିବେଶ ଓ ବାଣିଜ୍ୟ ଏବଂ ସବୁଜ ଶକ୍ତି ସଂଗ୍ରହ, ସଂରକ୍ଷଣ ଓ ଯୋଗାଣ ପାଇଁ ଗ୍ରିଡ୍? ସ୍ଥାପନ, ପରିବର୍ତ୍ତନଶୀଳ ପାଣିପାଗ ସହଣି କୃଷି ପାଇଁ ପଦକ୍ଷେପ, ଜୈବ ବର୍ଜ୍ୟବସ୍ତୁରୁ ଉତ୍ପନ୍ନ ମିଥେନ ଗ୍ୟାସ ପରିମାଣରେ ହ୍ରାସ, ଉଦ୍?ଜାନ ଶକ୍ତି ଓ ସବୁଜ ପ୍ରଯୁକ୍ତିର ବ୍ୟବହାର ଇତ୍ୟାଦି ଉପରେ ମାନସମନ୍ଥନ କରିଥିଲେ। କିନ୍ତୁ ବିରୋଧାଭାସଟି ହେଲା ସବୁଜ ଗୃହ ଗ୍ୟା?ସ ନିର୍ଗମନ ବୃଦ୍ଧି ପା?ଇ ଚାଲିଛି, ଯଦ୍ୱାରା ପ୍ୟାରିସ୍?ରେ ରଖାଯାଇଥିବା ଲକ୍ଷ୍ୟ (୧.୫ ଡିଗ୍ରି ସେଲ୍?ସିଅସ୍? ମଧ୍ୟରେ ତାପମାତ୍ରା ବୃଦ୍ଧିକୁ ସୀମିତ ରଖିବା) ପୂରଣ ହେବାର ଆଶା ଦିଶୁନାହିଁ; ବରଂ ୨୧୦୦ ମସିହା ବେଳକୁ ତାପମାତ୍ରା ଦୁଇଗୁଣ ଅର୍ଥାତ୍ ୩ ଡିଗ୍ରି ସେଲ୍?ସିଅସ୍ ପାଖାପାଖି ବୃଦ୍ଧି ପାଇବାର ଆଶଙ୍କା ଦେଖିବାକୁ ମିଳୁଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ବୃଦ୍ଧି ପାଉଛି। ଏଣେ ପବନ, ସୌର ଓ ଜଳ ବିଦ୍ୟୁତ୍? ଭଳି ନିର୍ମଳ ଓ ସବୁଜ ଶକ୍ତି ଉତ୍ପାଦନ ଲାଗି ଯେଉଁ ଭଳି ଅର୍ଥ ଓ ପ୍ରଯୁକ୍ତିଗତ ସାହାଯ୍ୟ ବିକାଶଶୀଳ ଓ ଅଣବିକଶିତ ରାଷ୍ଟ୍ରଗୁଡ଼ିକୁ ଲୋଡ଼ା, ତାହା ମଧ୍ୟ ମିଳୁ ନାହିଁ। ୨୦୩୦ ମସିହା ସୁଦ୍ଧା ପୃଥିବୀରେ ଶକ୍ତି ଚାହିଦା ତିନି ଗୁଣ ହେବ। ଏଭଳି ସ୍ଥଳେ ପାରଂପରିକ ଜୀବାଶ୍ମ ଇନ୍ଧନରୁ ଅଧିକ ଶକ୍ତି ଉତ୍ପାଦନ ପୃଥିବୀ ଓ ପାଣିପାଗ ସକାଶେ ଅତ୍ୟନ୍ତ ପ୍ରତିକୂଳ ହେବ। ତେଣୁ ସମସ୍ତେ ଏକମତ ଯେ ସମ୍ମିଳନୀରେ ସ୍ଥିରୀକୃତ ନିଷ୍ପତ୍ତିଗୁଡ଼ିକର ସଫଳ ରୂପାୟନ ସର୍ବାଧିକ ଜରୁରି।ବାକୁ ସମ୍ମିଳନୀରେ ଜଳବାୟୁ କାର୍ଯ୍ୟକ୍ରମ ପାଇଁ ପୂର୍ବ ନିର୍ଦ୍ଧାରିତ ଅର୍ଥରାଶିର ତିନିଗୁଣ ସଂଗ୍ରହ କରିବା ପାଇଁ ସହମତି ହୋଇଛି। ସେହିପରି ସବୁଜ ନିର୍ମଳ ଶକ୍ତିର ଉତ୍ପାଦନ ପରିମାଣକୁ ୨୦୩୦ ସୁଦ୍ଧା ତିନିଗୁଣ ବଢ଼ାଇବାକୁ ସମସ୍ତେ ରାଜି ହୋଇଛନ୍ତି। ଅନୁନ୍ନତ ଓ ଆର୍ଥିକ ଅନଗ୍ରସର ଦେଶମାନଙ୍କ ପାଇଁ ଅର୍ଥ ଓ କୌଶଳ ଯୋଗାଡ଼ର ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ବିଡ଼ମ୍ବନା ହେଲା କପ୍? ସମ୍ମିଳନୀଗୁଡ଼ିକ ପ୍ରାୟତଃ କଥା ଓ କାଗଜକଲମରେ ସୀମିତ ରହୁଛି, ବାସ୍ତବାୟିତ ହୋଇପାରୁନାହିଁ। ତେଣୁ କେବଳ ଏତିକି ଆଶା କରାଯାଉ ଯେ ବାକୁରେ ହୋଇଥିବା ଚୁକ୍ତିମାନ କେବଳ ଫମ୍ପା ବାକ୍ୟମାନ ହୋଇ ନ ରହୁ। 'କପ୍? ୨୯' ଏକ ବାକ୍ୟବୀର ବୋଲି ପ୍ରମାଣିତ ନ ହେଉ।

# ନୂପୁର ସାନନ୍



ଅଭିନେତ୍ରୀ କ୍ରିତି ସାନନ୍ଙ୍କ ଭଉଣୀ ନୂପୁର ସାନନ୍ ବଲିଉଡ଼୍‌ରେ ଡେବ୍ୟୁ କରିବେ ବୋଲି ବିଗତ କିଛି ଦିନ ହେଲା ଚର୍ଚ୍ଚା ଚାଲିଛି । ସଦ୍ୟତମ ଖବର ଅନୁସାରେ ନୂପୁର ଭେଟେରାନ୍ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକିଙ୍କ ବିପକ୍ଷରେ ବଲିଉଡରେ ଡେବ୍ୟୁ କରିବେ। ତାହା 'କାଲା ଶାହ କାଲା'ର ହିନ୍ଦୀ ରିମେକ୍। ଫିଲ୍ମର ଟାଇଟଲ 'ନୁରାନି ଚେହରା' ରଖାଯିବ । ଫିଲ୍ମ ନିର୍ମାଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ପାନୋରମା ଷ୍ଟୁଡିଓ, ଓ୍ୱାଇଲଡ ରିଭର ପିକ୍‌ଚରର୍ସ ଏବଂ ପଲ୍‌ପ ଫିକ୍ସନ୍ ଏଣ୍ଟରଟେନମେଣ୍ଟ ପ୍ରଯୋଜନା କରିଛନ୍ତି। ଏ ସମ୍ପର୍କରେ ଫିଲ୍ମ ସହ ଜଡ଼ିତ ଜଣେ ବ୍ୟକ୍ତି କହିଛନ୍ତି 'ନୁରାନି ଚେହେରା' ଲାଗି ପ୍ରଯୋଜନା ସଂସ୍ଥା ଏକ ନୂଆ ମୁହଁର ସନ୍ଧାନରେ ଥିଲା। ସେଥିରେ ନାୟିକାଙ୍କ ଭୂମିକା ଲାଗି ନୂପୁର ଏକଦମ୍ ଫିଟ୍। ନୱାଜୁଦ୍ଦିନ୍-ନୂପୁରଙ୍କ ଯୋଡ଼ିକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶାରହିଛି । ସୂଚନାଥାଉକି, ନୂପୁର ଏହାପୂର୍ବରୁ ଅଭିନେତା ଅକ୍ଷୟ କୁମାରଙ୍କ ସହ ମ୍ୟୁଜିକ୍ ଭିଡିଓରେ କାମ କରିସାରିଛନ୍ତି । ତାଙ୍କର ମ୍ୟୁଜିକ୍ ଭିଡିଓଗୁଡ଼ିକୁ ଦର୍ଶକେ ବେଶ୍ ପସନ୍ଦ ବି କରିଥିଲେ।

# ବାର୍ବି ଡଲ୍ ହେବା ପାଇଁ ୧୦୦ ଥର ସର୍ଜରୀ





ଅନ୍ୟଠାରୁ ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ଏଥିପାଇଁ ଲୋକେ କାହିଁ କେତେ କଣ କରିଥାନ୍ତି। କିଏ ପାର୍ଲର ଯାଏ ତ ଆଉ କିଏ ଆୟୁର୍ବେଦ ସାହାରା ନିଅନ୍ତି। ସେହିପରି ନିଜକୁ ସୁନ୍ଦର କରିବାର ସବୁଠାରୁ ଏକ ବଡ଼ ମାଧ୍ୟମ ହେଲା ସର୍ଜରୀ। ପ୍ଲାଷ୍ଟିକ୍ ବା କସ୍‌ମେଟିକ୍ ସର୍ଜରୀ ଜରିଆରେ ଅଧିକାଂଶ ଯୁବତୀ ଅନ୍ୟଠାରୁ ଅଧିକ ସୁନ୍ଦର ଦେଖାଯିବା ପାଇଁ ଚେଷ୍ଟା କରିଥାନ୍ତି। ଅଭିନେତ୍ରୀମାନଙ୍କଠାରୁ ଆରମ୍ଭ କରି ସାଧାରଣ ଯୁବତୀ, ଆଜିକାଲି ସମସ୍ତେ ଏହି ପ୍ଲାଷ୍ଟିକ୍ ସର୍ଜରୀର ସାହାରା ନେଉଥିବା ନଜିର ରହିଛି। ନିକଟରେ ସୁନ୍ଦର ଦେଖାଯିବା ପାଇଁ ଠିକ୍ ଏଭଳି ହିଁ କିଛି କରିଛନ୍ତି ଜଣେ ୧୬ ବର୍ଷୀୟ ନାବାଳିକା। ସୁନ୍ଦର ଦେଖାଯିବା ନିଶାରେ ବେଜିଂର ଝୋଉ ଚୁନ୍ ନାମକ ଜଣେ ୧୬ ବର୍ଷୀୟ ଯୁବତୀ ନିଜ ମୁହଁରେ ୧୦୦ ଥର ସର୍ଜରୀ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏତେ ଥର ସର୍ଜରୀ କରିବା ପରେ ମଧ୍ୟ ସେ ନିଜ ମୁହଁକୁ ନେଇ ସନ୍ତୁଷ୍ଟ ନୁହଁନ୍ତି। ତାଙ୍କ ମନ ବୁଝୁନି। ସେ ଏବେ ପୁଣି ଥରେ ୧୦୧ ନମ୍ବର ସର୍ଜରୀ କରିବା ପାଇଁ ମନ ବଳାଇଛନ୍ତି। ଝୋଉ ଚୁନ୍ ଭାବନ୍ତି ଯେ, ସୁନ୍ଦର ଝିଅମାନଙ୍କୁ ସର୍ବଦା ସହଜ କାମ ମିଳେ। ଏଥିପାଇଁ ସେ ନିଜକୁ କଣ୍ଢେଇ ଭଳି ଦେଖାଯିବା ଲାଗି ପ୍ଲାଷ୍ଟିକ୍ ସର୍ଜରୀର ସାହାରା ନେଇଛନ୍ତି। ଏହି ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ତାଙ୍କର ପାଖାପାଖି ୪କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଏତେ ଟଙ୍କା ଖର୍ଚ୍ଚ କରି ମଧ୍ୟ ସେ ଏବେ ଯାଏଁ ନିଜ ମନଲାଖି ଚେହେରା ଟିଏ ପାଇପାରିନାହାନ୍ତି। ୧୦୦ ଥର ସର୍ଜରୀ କରିବା ପରେ ଝୋଉ ସୋସିଆଲ ମିଡିଆରେ ତାଙ୍କର ଏକ ଫଟୋକୁ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସର୍ଜରୀ ପୂର୍ବରୁ ସେ ବେଶ୍ ଅସୁନ୍ଦର ଥିଲେ। ତାଙ୍କ ଆଖି ଛୋଟ ଏବଂ ନାକ ମଧ୍ୟ ଚେପଟା ଥିଲା। ଏଥିପାଇଁ ସ୍କୁଲରେ ସାଙ୍ଗସାଥିମାନେ ତାଙ୍କର ମଜାକ୍ ଉଡ଼ାଉଥିଲେ। କେବଳ ସେତିକି ନୁହେଁ ଅସୁନ୍ଦର ହେବା ଯୋଗୁ ସ୍କୁଲରେ ତାଙ୍କୁ ସଫାସଫି କାମ କରିବା ପାଇଁ ମିଳୁଥିଲା। ସୁନ୍ଦର ଯୁବତୀମାନଙ୍କୁ ସହଜ କାମ ମିଳୁଥିଲା। ଏଥିପାଇଁ ସେ ଅନ୍ୟଠାରୁ ସୁନ୍ଦର ଦେଖାଯିବା ଲାଗି ସର୍ଜରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗତ ତିନି ବର୍ଷ ମଧ୍ୟରେ ଝୋଉ ନିଜ ମୁହଁର ଭିନ୍ନ ଭିନ୍ନ ଅଙ୍ଗ ତଥା ଆଖି, ନାକ, କାନ ଓଠ ଆଦିରେ ଟ୍ରାନ୍ସପ୍ଲାଣ୍ଟ କରିସାରିଛନ୍ତି। ସେ ଏବେ ବାର୍ବି ଡଲ୍ ଭଳି ଦେଖାଯିବା ପାଇଁ ମନସ୍ତ କରିଛନ୍ତି। ଏଥିଲାଗି ସେ ପୁଣିଥରେ ଆଉ ଏକ ସର୍ଜରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ନାକରେ ୮ ବର୍ଷ ଧରି ଫସି ରହିଥିଲା ଗୁଳି

ଜଣେ ଶିଶୁର ନାକରେ ଖେଳଣା ବନ୍ଧୁକର ଗୁଳି ୮ ବର୍ଷ ଧରି ଫସି ରହିଥିଲା। ତେଣୁ ସେ କୌଣସି ଜିନିଷର ଗନ୍ଧକୁ ବାରି ପାରୁନଥିଲା। ନାଗରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ପରେ ପରିବାର ଲୋକ ଚିକିତ୍ସା ପାଇଁ ଶିଶୁକୁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର ଶିଶୁର ପରୀକ୍ଷା କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଡାକ୍ତର ଶିଶୁ ନାକର ଏଣ୍ଡୋସ୍କୋପି ଓ ଟ୍ୟୁବ କ୍ୟାମେରା ଲଗାଇ ଦେଖିବା ପରେ ଅସୁବିଧା ଥିବା ଜାଣିବାକୁ ପାଇଥିଲେ। ଯାଞ୍ଚ ପରେ ଡାକ୍ତର ଶିଶୁକୁ ଗୋଟିଏ ସ୍ପ୍ରେ ଓ ଆଣ୍ଟିହିଷ୍ଟାମିନ ଔଷଧ ଦେଇଥିଲେ। ଏହାପରେ ଶିଶୁକୁ ୪ରୁ ୬ ସପ୍ତାହ ମଧ୍ୟରେ ପୁଣିଥରେ ଆସିବାକୁ କହିଥିଲେ। କିନ୍ତୁ ଶିଶୁଟି ଏକ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ପାଇଁ ଆସି ନଥିଲା। ୧୬ ବର୍ଷ ବୟସରେ ସେଭଳି



ଯ ନ୍ତ୍ର ଣ ା ସହିତ ଶିଶୁଟି ବଞ୍ଚୁଥିଲା। ନାକରୁ ବ ା ହ ା ରୁ ଥି ବ ା ଦୁର୍ଗନ୍ଧଯୁକ୍ତ ପଦାର୍ଥ ପାଇଁ ତାକୁ ଅନେକ ସମୟରେ ଲାଜ ଲାଗିଥାଏ। ଏଥିପାଇଁ ସେ ସବୁବେଳେ ଏକା ରହିବାକୁ ଚାହିଁଥାଏ। ୮ ବର୍ଷ ପରେ ଡାକ୍ତର ସିଟି ସ୍କାନ କରିବା ପରେ ଶିଶୁ ନାକରେ ୯ ଏମ୍‌ଏମ୍‌ର ଗୁଳି ଥିବା ଜାଣିବାକୁ ପାଇଥିଲେ। ଏହାପରେ ଶିଶୁ ନାକର ସର୍ଜରୀ କରାଯାଇଥିଲା। ଏହି ସର୍ଜରୀ ପରେ ଶିଶୁର ନାକର ମେଟାଲ ବିବି ପ୍ୟାଲେଟ ବାହାରକୁ ଆସିଥିଲା। ଶିଶୁଟିର ଘର ଲୋକଙ୍କ କହିବାନୁସାରେ ୮-୯ ବର୍ଷର ହୋଇଥିବା ବେଳେ ଏକ ଖେଳଣା ବନ୍ଧୁକରୁ ଗୁଳି ବାହାରି ନାକରେ ପଶି ଯାଇଥିଲା। କିନ୍ତୁ ସେ ସମୟରେ ନାକ ଭିତରେ ଗୁଳି ପଶିଥିବାର କୌଣସି ଲକ୍ଷଣ ଦେଖିବାକୁ ମିଳିନଥିଲା। ସେଥିପାଇଁ ଡାକ୍ତରଙ୍କ କୌଣସି ପରାମର୍ଶ ନେଇ ନଥିବା ଲୋକ କହିଛନ୍ତି। ଦ ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ର ଡାକ୍ତରୀ ଛାତ୍ର ଡାଏଲନ ଜେଡଙ୍କ କହିବାନୁସାରେ ଏହି ଶିଶୁଟିର ଘଟଣାରେ ଗୁଳି ଚିହ୍ନଟ କରିବା ବହୁତ କଷ୍ଟ ଥିଲା। କାରଣ ସମୟ ସହିତ ଟିସୁ ସମ୍ପୂର୍ଣ୍ଣ ଭାବେ ପ୍ୟାଲେଟକୁ ଘେରି ଦେଇଥିଲା। ଡାକ୍ତର ଗୁଳିକୁ ବାହାର କରିବା ପ୍ରଥମେ ଟିସୁର ଅସ୍ତ୍ରୋପଚର କରିଥିଲେ। ତେବେ ଯାଇ ଗୁଳି ଥିବା ସମ୍ପର୍କରେ ସଠିକ୍ ସୂଚନା ମିଳିପାରିଥିଲା। ଅସ୍ତ୍ରୋପଚାର ପରେ ଶିଶୁଟିର ନାକର ଅବସ୍ଥା ସ୍ୱାଭାବିକ ହୋଇଯାଇଛି। ନାକରୁ ଦୁର୍ଗନ୍ଧ ବି ବାହାରିବା ବନ୍ଦ ହୋଇଛି।

# ଦେଶୀ ଫେସିଆଲ୍



ମହାମାରୀ କଟକଣାରେ ବିବାହ କାର୍ଯ୍ୟ ଯଥାରୀତି ଚାଲିଛି। ସତର୍କତାର ସହ ଶୁଭକାମ ସମ୍ପାଦନ ହେଉଥିବାବେଳେ ଏଇ ସମୟରେ ପାର୍ଲର ଯିବାକୁ ଯୁବତୀମାନେ ସୁରକ୍ଷିତ ମନେ କରୁନାହାନ୍ତି। ପାର୍ଲର ନ ଯାଇ ମଧ୍ୟ ଘରେ ରହି ନିଜ ତ୍ୱଚାର ଯତ୍ନ ନେଇପାରିବେ। ସୌନ୍ଦର୍ଯ୍ୟ ଚର୍ଚ୍ଚା ଉପରେ କେତୋଟି ଟିପ୍ସ:



ସ୍କ ଖିର ସର, ଦହି, ବେସନ, ମୁଲତାନି ମାଟି, ଚିମୁଟାଏ ହଳଦୀ, ଚନ୍ଦନ ପାଉଡର ମିଶାଇ ମୁହଁ, ବେକ, ହାତ ଓ ପାଦରେ ଲଗାନ୍ତୁ। ୧୫ ମିନିଟ୍ ପରେ ହାତରେ ଅଳ୍ପ ପାଣି ନେଇ ମୁହଁକୁ ମାଲିସ୍ କରିବେ। ଏବେ ଥଣ୍ଡା ପାଣିରେ ଧୋଇନେବେ। ଏଇ ପ୍ୟାକ୍ ପ୍ରତି ୨ ଦିନରେ ଥରେ ଲଗାଇବେ। ତ୍ୱଚାରେ ଚମକ ଆସିବା ସହ ସମସ୍ତ ଦାଗ ଦୂର ହୋଇଯିବ।

ସ୍କ ପେସ୍ତାବାଦାମ ଗୁଣ୍ଡ ୧ ଚାମକ, ଖିର ୨ ଚାମଚ, ଖିର ସର, ଅଲିଭ ତେଲ ଅଧ ଚାମଚ ମିଶାଇ ମୁହଁରେ ଲଗାଇ ୨୦ ମିନିଟ୍ ପରେ ଧୋଇବେ। ଏଇ ପ୍ୟାକ୍ ତ୍ୱଚାକୁ ପୋଷଣ ଦେବା ସହ ଏକ ଭଲ ଶୀତଦିନିଆ ପ୍ୟାକ୍ ଭଳି କାମ କରେ।

ସ୍କ ଦହିରେ ଗେଣ୍ଡୁ ଫୁଲକୁ ବାଟି ମୁହଁରେ, ହାତ, ପାଦରେ ଲଗାଇ ଶୁଖିବା ପରେ ଧୋଇବେ। ଆଖି ତଳ କଳାଦାଗ ସହ ବ୍ରଣ ଦାଗ ଦୂର କରିବାରେ ଏଇ ପ୍ୟାକ୍ ଭଲଭାବେ କାମ କରେ।

# ଚାହା ଦୋକାନୀ ପାଲଟିଛନ୍ତି ପ୍ରେରଣା ଓ ଉଦାହରଣ

## ରୋଜଗାର ଟଙ୍କାରେ ନିଜେ ଚଳନ୍ତି, ଅନ୍ୟଙ୍କୁ ବି ଚଳାନ୍ତି



ଆମ ଦେଶରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଖୁବ୍ କଷ୍ଟରେ ଚଳନ୍ତି । ତା' ଛଡ଼ା କରୋନା ଯୋଗୁ ଅନେକ ଲୋକଙ୍କ ଅବସ୍ଥା ଏତେ ଖରାପ ହୋଇଯାଇଛି ଯେ, ଦୁଇବେଳା ପେଟପୁରା ଖାଇବା ବି ସେମାନଙ୍କ ପାଇଁ କଷ୍ଟକର । ଅନ୍ୟପଟେ ପ୍ରଶାସନିକ ଅଣଦେଖା ଓ ମିଛ ପ୍ରତିଶ୍ରୁତି । ତେବେ ଏମିତି ସ୍ଥିତିରେ ବି ଅଛନ୍ତି ନିଆରା ମଣିଷ । ଯିଏ ନିଜେ କଷ୍ଟରେ ରହି ବି ଅସହାୟ ଲୋକଙ୍କ କଥା ବୁଝନ୍ତି । ନିଜ ଘରେ କିଛି ଥାଉ କି ନଥାଉ ଅନ୍ୟକୁ ସାହାଯ୍ୟ କରିବାକୁ କୁଣ୍ଠା କରନ୍ତିନି । ଏସବୁ ଭିତରେ ଅନେକ ନିରାଶ୍ରୟଙ୍କ ସାହାରା ସାଜିଛନ୍ତି ଜଣେ ଚା' ଦୋକାନୀ । ସେ ଏବେ ଚର୍ଚ୍ଚାରେ । କାହିଁକିନା ସେ ଏମିତି କିଛି କାମ କରିଛନ୍ତି ଯେଉଁଥିପାଇଁ ସମସ୍ତେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି । ନାଁ ତାଙ୍କର ସଞ୍ଜୟ ଚନ୍ଦ୍ରବଂଶୀ । ଚା' ବିକ୍ରି କରିବା ତାଙ୍କ ବେଉଷା । ସେଥିରେ ସେ କଷ୍ଟେ ମଷ୍ଟେ ଚଳନ୍ତି । ହେଲେ ସେ କୌଣସି କଥାକୁ ଖାତିର ନ କରି ଅନେକଙ୍କ ପାଇଁ ସାଜିଛନ୍ତି ଦେବଦୂତ । କେବଳ ଏହି ବର୍ଷ ନୁହେଁ ଅନେକ ବର୍ଷ ହେବ ସେ କରି ଆସୁଛନ୍ତି ଗରିବଙ୍କ ସେବା । ନିକଟରେ ସେ ନିଜ ଟଙ୍କାରେ ଗରିବ ଅସହାୟଙ୍କୁ ୨ଶହ କମ୍ବଳ ବା[ଛନ୍ତି । ସବୁଠୁ ବଡ଼ କଥା ହେଉଛି ସଞ୍ଜୟଙ୍କ ଆର୍ଥିକ ସ୍ଥିତି ଜମା ବି ଭଲ ନୁହେଁ । ଏସବୁ ସ□ ସେ ଗରିବ ବାସହୀନ ଲୋକଙ୍କ ସେବାରେ ସବୁବେଳେ ଥାଆନ୍ତି । ସେ ପ୍ରତିଦିନ ୨୦ ରୁ ୨୫ କିମ୍ବା ତାଠାରୁ ଅଧିକ ଗରିବ ଲୋକଙ୍କୁ ଖାଇବାକୁ ଦିଅନ୍ତି । ସଞ୍ଜୟଙ୍କ ସେବା ସକାଳୁ ଆରମ୍ଭ । ସକାଳେ ନିଜ ଠେଲା ପାଖରେ ଥିବା ଅନେକ ଗରିବଙ୍କୁ ଚାହା ଓ ବିସ୍କୁଟ୍ ଦିଅନ୍ତି । ଅନେକ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ସେ ନିଜ ଧର୍ମ ବୋଲି ଭାବି ନେଇଛନ୍ତି । ସେଥିପାଇଁ ନିଜ ସକ୍ଷମ ଅନୁଯାୟୀ ସେ ଗରିବଙ୍କୁ ସାହାଯ୍ୟ କରିଥାନ୍ତି । ଯେଉଁଠି କରୋନା କାଳରେ ଗରିବ ଲୋକମାନେ ଖୁବ୍ ଅସୁବିଧାରେ ଥିଲେ, ସେଠି ସଞ୍ଜୟ ଭଳି କିଛି ଲୋକେ ଗରିବ ଲୋକଙ୍କୁ ସହାଯ୍ୟ କରି ସାଜିଛନ୍ତି ପ୍ରେରଣା ଓ ଉଦାହରଣ ।

## ହରିରାଜପୁର ସରକାରୀ ଉପ୍ରା ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ

# ଅସୁବିଧା ଭୋଗୁଛନ୍ତି ଛାତ୍ର ଛାତ୍ରୀ

ନିଶ୍ଚିନ୍ତକୋଇଲି ୧୨/୧୨(ନି.ପ୍ର): ବିଦ୍ୟୁତ ବିଭାଗ ଓ ଶିକ୍ଷା ବିଭାଗର ଟାଳଟୁଳ ନୀତି ଯୋଗୁ କୁନି କୁନି କୋମଳମତି ଛାତ୍ର ଛାତ୍ରୀ ମାନେ ଏବେ ବିଦ୍ୟୁତ ସଂଯୋଗ ବ୍ୟାହାତରୁ ନାନା ଅସୁବିଧା ଭୋଗୁଛନ୍ତି । ସରକାର ନାରା ଦେଉଛନ୍ତି ଆଜିର ଶିଶୁ କାଲିର ଭବିଷ୍ୟତ । ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ତିଆରି ହୋଇଛି । ଦୀର୍ଘ ୫ ଦିନ ହେବ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବନ୍ଧକାଟିଆ ପଂଚାୟତସ୍ଥ ସରକାରୀ ଉପ୍ରା ବିଦ୍ୟାଳୟ ହରିରାଜପୁରରେ ବିଦ୍ୟୁତ ସଂଯୋଗ ନାହିଁ । ଯାହାଫଳରେ ଛାତ୍ର ଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେମିତିକି ବିଦ୍ୟୁତ ସଂଯୋଗ ଅଭାବରୁ ବିଦ୍ୟାଳୟ ପରିସରରେ ପାଣି ନମିଳୁଥିବାରୁ ପିଲାମାନଙ୍କୁ ବାହାରେ ଯାଇ ମଳତ୍ୟାଗ କରି ଶୌଚ ହେବାକୁ ପଡୁଛି । ପିଇବା ପାଇଁ ପିଲାମାନଙ୍କୁ ସଠିକ୍ ପାନୀୟ ଜଳ ମିଳିପାରୁନାହିଁ । ବିଦ୍ୟାଳୟ ପାଖରେ ଥିବା ପୋଖରୀକୁ ପିଲାମାନେ ଶୌଚ ହେବା ପାଇଁ ଯାଉଥିବା ବେଳେ ଯଦି କୌଣସି କାରଣରୁ କିଛି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବ । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ନା ବିଦ୍ୟୁତ ବିଭାଗୀୟ ଅଧିକାରୀ ନା ରାଜ୍ୟ ସରକାର । ଏ ନେଇ ଛାତ୍ର ଅଭିଭାବକ ଓ ଗ୍ରାମବାସୀମାନେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ପଚାରିବାରେ ମୁଁ ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ଏବିଷୟରେ ଅବଗତ କରାଇଛି ବୋଲି ସଂପୃକ୍ତ ବିଦ୍ୟାଳୟର ଶିକ୍ଷକ କହିଥିବା ବେଳେ ଏ ବିଷୟରେ ଗ୍ରାମବାସୀ, ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କୁ ପଚାରିବାରେ ଉତ୍ତରରେ ମଣ୍ଡଳଶିକ୍ଷାଧିକାରିଣୀ କହିଛନ୍ତି ଏମିତି ସବୁଠି ହେଉଛି ଆପଣ ମୋତେ ନକହି ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରନ୍ତୁ । ଯଦି ବିଦ୍ୟାଳୟରେ ଏହିଭଳି ସମସ୍ୟା ଲାଗି ରହେ ଏବଂ ଦୁଇ/ତିନି ଦିନ ଭିତରେ ଯଦି ଏହାର ସମାଧାନ ନହୁଏ ସମସ୍ତ କୋମଳମତି ଛାତ୍ର ଛାତ୍ରୀଙ୍କ ସହିତ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମବାସୀମାନେ ସୂଚନା ଦେଇଛନ୍ତି ।

## ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦଯାପିତ



ପାଟଣା ୧୨/୧୨(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ସ୍ଥିତ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ୨୦୨୪-୨୫ ଆଜି ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି ।ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ମୁଖ୍ୟ ବକ୍ତା ଭାବେ ସୁ ସାହିତ୍ୟିକ ତଥା କାଦଡ଼ିହା ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ଯୋଗଦେଇ ଛାତ୍ରଛାତ୍ରୀ ମାନେ ଉତ୍ତମ ମଣିଷ ହେବାକୁ ଦିଗଦର୍ଶନ ଦେଇଥିଲେ ।ଅଧ୍ୟାପକ ମିତ୍ରଭାନୁ ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଦଶରଥ ସାହୁ ଅତିଥି ପରିଚୟ ଓ ଅଧ୍ୟାପକ ଯଯାତି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ।ରାଜୀବ ଲୋଚନ ରଥ,କାହ୍ନୁ ଚରଣ ପଲେଇ,ସନ୍ଦୀପ କୁମାର ମହାନ୍ତ, ଅର୍ଜୁନ ଚରଣ ମହାନ୍ତ, ଗୋଲକ ମୁଣ୍ଡା, ପ୍ରମିଳା ମହାନ୍ତ,ଚତୁର୍ଭୁଜ ମହାନ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଉତ୍ସବ ରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଦୁଇ ଯୁବକଙ୍କ ଅକାଳ ବିୟୋଗ ବିଭିନ୍ନ ମହଲରେ ଶୋକ



ମାହାଙ୍ଗା ୧୨/୧୨(ନି.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉମର ପଂଚାୟତ ଓସ୍ତପୁର ଗ୍ରାମର ଦାଣ୍ଡଯାତ୍ରା ଅନୁଷ୍ଠାନର ସକ୍ରିୟ ସଦସ୍ୟ ତ୍ରିଲୋଚନ ସାହୁ(ଲିପୁ) ୨୩ବର୍ଷ ଅନେକ ଦିନ ହେବ କିଡନୀ ଜନିତ ରୋଗରେ ପିଡୀତ ଥାଇ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି । ସେହିପରି ନିଳକଣ୍ଠେଶ୍ୱର କ୍ଲବର ସଦସ୍ୟ ତାପସ ରଂଜନ ଖଟୁଆ(୨୬)ଙ୍କ ଚୌଦ୍ୱାରଠାରେ ଏକ ସଡକ ଦୁର୍ଘଟଣାରେ ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ତାଙ୍କର ମଧ ବିୟୋଗ ଘଟିଛି । ଉଭୟଙ୍କ ବିୟୋଗରେ ଆମ ମାହାଙ୍ଗାର ଅଧ୍ୟକ୍ଷ ଡଃ. ଅମରେନ୍ଦ୍ର ମହାନ୍ତି, ସଂଯୋଜକ ବିଜୟ କୁଅଁର, ସୁକାନ୍ତ ମାଢେଇ, ରାଜେଶ ସାହୁ, ନିରଞ୍ଜନ ବସ୍ତିଆ, ସ୍ଥାନୀୟ ସରପଂଚ ଶାସ୍ୱତ ରଂଜନ ଦାସ, ସମିତିସଭ୍ୟ କିଶୋର ଦାସ, ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ନାହାଙ୍ଗ ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ଚି□ରଂଜନ ମହାପାତ୍ର, ଉମେଶ ମହାନ୍ତି, ବିଚିତ୍ର ମହାରଣା, ସୁବଳ ଚରଣ ସାହୁ, ରମାକାନ୍ତ ଭଦ୍ର, ରାୟଗୁରୁ ସନ୍ତୋଷ ମହାପାତ୍ର, ଜତୀନଜୟ କୁଅଁର, ସୁନାକର ସାହୁ, ଅଜୟ ପଣ୍ଡା, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ରବିନ୍ଦ୍ର ପଣ୍ଡା, କୁଞ୍ଜବିହାରୀ ମହାପାତ୍ର, ରବିନ୍ଦ୍ର ମହାପାତ୍ର, ରବିନ୍ଦ୍ର ସାମଲ, ଶରତ ଚନ୍ଦ୍ର ଜେନା, ପୁରସ୍ତମ ଜେନା, ମାଗୁଣୀ ଦାସ, ସତ୍ୟାନନ୍ଦ ବେହେରା, ମନୋଜ ମହାରଣା, ଗୋଲଖ ନାୟକ, ଚନ୍ଦ୍ରଶେଖର ମହାନ୍ତି, କିଶୋର ମହାପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ଉଭୟଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



କଣାସ ୧୨/୧୨(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦୟବିହାର ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରକୁ ୨୮ଗୋଟି ପଞ୍ଚାୟତର ମୋଟ ୫୩୧ ଜଣ ଭିନ୍ନକ୍ଷମ ଚିହ୍ନଟ ପାଇଁ ଆସିଥିଲେ ।ଯେଉଁ ଭିନ୍ନକ୍ଷମ ବେକ୍ତି ଅନଲାଇନରେ ରେଜିଷ୍ଟ୍ରେସନ କରି କାର୍ଡ ଆଣିଥିଲେ ସେମାଙ୍କ ନାମ ପଞ୍ଜିକୃତ କରାଯାଇଥିଲା ।ଅର୍ଥପେଡିକରେ ୨୮୮ ଭିନ୍ନକ୍ଷମ ଆସିଥିବାବେଳେ ମାନସିକ ଅନଗ୍ରସରରେ ୫୪ ଜଣ ଭିନ୍ନକ୍ଷମ ଆସିଥିଲେ, ସେହିଭଳି ଶ୍ରବଣବାଧିତରେ ୧୧୧ ଜଣ ଭିନ୍ନକ୍ଷମ ଆସିଥିଲେ , ଦୃଷ୍ଟିବାଧିତ ସମସ୍ୟା ପାଇଁ ୬୮ ଜଣ ଓ ମେଡ଼ିସିନ ବିଭାଗରେ ୧୦ ଜଣ ବେକ୍ତି ଆସିଥିଲେ । ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲି କରିବା ଓ ସେମାନଙ୍କର ଯାତାୟାତ ପାଇଁ ବସ ପାସ,ଟ୍ରେନ ପାସ,ଭିନ୍ନକ୍ଷମ ପ୍ରମାଣ ପତ୍ର ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ମହାରଣା କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ,କଣାସ ବ୍ଲକ ବିଡ଼ିଓ ନାରାୟଣ ସାହୁ, ଅତିରିକ୍ତ ବିଡ଼ିଓ ମଙ୍ଗଳସିଂ ହେମ୍ରମ,ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ,ବିଏସଏସଓ ମନୋଜ ସାହୁ ,ସିଡିପିଓ ସ୍ମିତା ମହାନ୍ତି ,ଅଙ୍ଗନବାଡ଼ି କର୍ମୀ ଜିଆରଏସ ଓ ନୀଳାଚଳ ସେବା ପ୍ରତିଷ୍ଠାନର ଛାତ୍ର ଛାତ୍ରୀ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କୁ ସ୍ୱତନ୍ତ୍ର ଅଭିଯାନ କର୍ମଶାଳା

ପାଟଣା ୧୨/୧୨(ନି.ପ୍ର): ପାଟଣା ବ୍ଲକ ଅଞ୍ଚଳ ର ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କ ଋଣ ପଞ୍ଚାୟତ କର୍ମକର୍ତ୍ତା ମାନଙ୍କୁ ନେଇ ବ୍ୟାଙ୍କ ଋଣ ସ୍ୱତନ୍ତ୍ର ଅଭିଯାନ ସଚେତନତା କର୍ମଶାଳା ବ୍ଲକ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ମାନସ କୁମାର ଦଣ୍ଡପାଟ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳା ରେ ସିଡିପିଓ କଳ୍ପନା ଦୋରା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଯଜ୍ଞବଳକ ନାୟକ, ବିପିଏ ବିଜୟ କୁମାର ସାହୁ, ଓଡ଼ିଆ ଜୀବିକା ମିଶନ ବ୍ଲକ ପ୍ରକଳ୍ପ ସଂଯୋଜିକା ସୁସ୍ମିତା ସାହୁ,ବ୍ଲକ ସ୍ତରୀୟ ମହିଳା ମହାସଂଘ ସମ୍ପାଦିକା ବିନ୍ଦୁ ମହାନ୍ତ ପ୍ରମୁଖ ଙ୍କ ସହ ବ୍ୟାଙ୍କ ମିତ୍ର ମାନେ କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।ବ୍ୟାଙ୍କ ଋଣ ସମ୍ବନ୍ଧୀୟ ଆଲୋଚନା,ପରାମର୍ଶ ଓ ସମସ୍ୟା ସମ୍ପର୍କରେ ମତାମତ ପରାମର୍ଶ ଆଦାନ ପ୍ରଦାନ କରାଯାଇଥିଲା ।

## ମୁଖ୍ୟ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ରେ ପାଟଣା ର ପ୍ରଫୁଲ୍ଲ ମହାନ୍ତ

ପାଟଣା ୧୨/୧୨(ନି.ପ୍ର): ସାଧାରଣ ଲୋକଙ୍କୁ ଯୋଗ ଶିକ୍ଷା ମାଧ୍ୟମରେ ସୁସ୍ଥ ରହିବାର ବାର୍ତ୍ତା ବାଣ୍ଟୁ ଥିବା ସହ ସ୍ୱଛତା କୁ ଗୁରୁତ୍ୱ ଦେଇ ନିଜେ ସ୍ୱଚ୍ଛ ରହିବା ସହ ବିଭିନ୍ନ ଗ୍ରାମ ରେ ନିଜେ ଝାଡୁ ଧରି ସାଧାରଣ ସ୍ଥାନ ମାନଙ୍କୁ ସଫେଇ କରୁଥିବା ବ୍ୟକ୍ତି ଚାକୁଣ୍ଡାପାଳ ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ପ୍ରଫୁଲ କୁମାର ମହାନ୍ତ ଅନ୍ତର୍ଜାତୀୟ ମୁଖ୍ୟ ଯୋଗ ଶିକ୍ଷକ ତାଲିମ ଶିବିର ଉତ୍ତରାଖଣ୍ଡ ରାଜ୍ୟ ର ହରିଦ୍ୱାର ଠାରେ ବାବା ରାମଦେବ ଙ୍କ ପତଞ୍ଜଳି ଆଶ୍ରମ କୁ ଗସ୍ତ କରିଥିଲେ । କେନ୍ଦୁଝର ଜିଲ୍ଲା ରୁ ୩ ଜଣ ଯୋଗ ଶିକ୍ଷକ ପତଞ୍ଜଳି ଆଶ୍ରମ ଯାଇଥିବା ବେଳେ ପ୍ରଫୁଲ ମହାନ୍ତ ସାହାରପଡା ଓ ପାଟଣା ଅଞ୍ଚଳ ର ଯୋଗ ଶିକ୍ଷକ ଭାବେ ସେଠାରେ ଯୋଗ ଦେଇଥିଲେ । ଗୁରୁ ରାମଦେବ ବାବାଙ୍କ ସମେତ ବହୁ ଜାତୀୟ ଅନ୍ତର୍ଜାତୀୟ ଗୁରୁ ମାନେ ଯୋଗ ସହିତ ଆୟୁର୍ବେଦ ଜ୍ଞାନ ମଧ୍ୟ ଶିକ୍ଷା ଦେଇଥିବା ଶ୍ରୀ ମହାନ୍ତ କହିଛନ୍ତି । ଯୋଗ ଓ ଆୟୁର୍ବେଦ ମାଧ୍ୟ ମରେ ଲୋକ ଙ୍କୁ ସୁସ୍ଥ ରହିବା ବାର୍ତ୍ତା ପହଞ୍ଚାଇବା ମୋର ମୁଖ୍ୟ କର୍ତ୍ତବ୍ୟ ହେବ ବୋଲି ମଧ୍ୟ ସେ କହିଛନ୍ତି । ପ୍ରଫୁଲ ମହାନ୍ତ ଙ୍କ ଘର ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦର ପୁର ଗ୍ରାମରେ । ସେ ଏବେ ପାଟଣା ବ୍ଲକ ଯୋଗ ପ୍ରଭାରୀ ଭାବେ କାମ କରୁଛନ୍ତି ।

## ମାତା ଙ୍କ ସ୍ମୃତି ରେ ଜନସାଧାରଣ ଙ୍କୁ ପାନୀୟ ଜଳ ପ୍ରକଳ୍ପ ଭେଟିଦେଲେ ଜିଲ୍ଲା ବିଜେପି ସଭାପତି

ପାଟଣା ୧୨/୧୨(ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହାରପଡା ବ୍ଲକ ମୁଖ୍ୟାଳୟ ନିକଟରେ ନିଜ ମାତା ସ୍ୱର୍ଗତ ଚନ୍ଦ୍ରଭା ମହାନ୍ତ ଙ୍କ ସ୍ମୃତି ରେ ଜନସାଧାରଣ ଙ୍କୁ ଏକ ନୂତନ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଭେଟି ଦେଇଛନ୍ତି କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା । ୨୦୧୬ ରେ ପରଲୋକ ଗମନ କରିଥିବା ମାତା ଙ୍କ ସ୍ମୃତି ରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି । ପ୍ରକଳ୍ପ କୁ ଜିଲ୍ଲା ବିଜେପି ସଭାପତି ଙ୍କ ପିତା ସାହିତ୍ୟିକ ଗୌରହରି ମହାନ୍ତ ବର୍ମା ଫିତା କାଟି ଉଦଘାଟନ କରିଛନ୍ତି । ଏଥିରେ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ଙ୍କ ସହ ତାଙ୍କ ଭାଇ ଶିବାଜି , ପରିବାର ବର୍ଗ ଓ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ସାମିଲ ଥିଲେ ।

## ବାବୁଜଙ୍ଗ ଏ.ପି.ଏଲ୍. କ୍ରିକେଟ ପ୍ରତିଯୋଗିତାର ଟ୍ରଫି ଲୋକାର୍ପଣ



ନିଶ୍ଚିନ୍ତକୋଇଲି ୧୨/୧୨(ନି.ପ୍ର): କଟକ ଜିଲ୍ଲା ବାବୁଜଙ୍ଗ ପଂଚାୟତ ନେସନାଲ ସ୍ପୋର୍ଟିଂ କ୍ଲବ ବାବୁଜଙ୍ଗ ଆନୁକୂଲ୍ୟରେ ଆୟୋଜିତ ଏ.ପି.ଏଲ୍. କ୍ରିକେଟ ପ୍ରତିଯୋଗିତାର ଟ୍ରଫି ଲୋକାର୍ପଣ ହୋଇଯାଇଛି । ଏହି ଟୁର୍ଣ୍ଣାମେ□ ଆସନ୍ତା ବର୍ଷ ୨୦୨୫ ଜାନୁୟାରୀ ୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହେବ । ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଅଂଚଳରୁ ୧୬ଗୋଟି କ୍ରିକେଟ ଦଳ ଭାଗ ନେବେ । ଏହି ପରୀପ୍ରେକ୍ଷୀରେ ମି-ନିୟୁଜ ଓଡିଶା ଅଧ୍ୟକ୍ଷ ଇଜାଜ୍ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଟ୍ରଫି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜେନିଥ୍ କମ୍ପ୍ୟୁଟର ଅଧ୍ୟକ୍ଷ ମିର୍ ସଲାମ୍, ମୁଖ୍ୟବକ୍ତା ଭାବେ ନିୟୁଜ ଏ-୭ ଅଧ୍ୟକ୍ଷ ଅମିତାବ୍ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବସ୍ତି ସର୍ଦ୍ଦାର ଗୁଲ୍ଲେର ଅଲ୍ଲୀ ଖାଁ, କ୍ଲବର ବରିଷ୍ଠ ସଦସ୍ୟ ଅବଦୁଲ ମନାନ ଖାଁ, ଅବଦୁଲ ସକୁର ଖାଁ, ଇସ୍ତାକ ଖାଁ ପ୍ରମୁଖ ଯୋଗଦେଇ ଟ୍ରଫି ଲୋକାର୍ପଣ କରିଥିଲେ । ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ୧୬ଗୋଟି ଦଳର ଅଧିନାୟକମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରିଆଜ୍ ଖାନ, ସକିଲ ଖାନ, ଅବଦୁଲ ବାରି, କାଦିର ଖାନ, ଇଫ୍ରାନ୍ ଖାନ, ହବିବ ଖାନ, ସାହିଦ ଖାନ, ସୋହହେବ ଖାନ ପ୍ରମୁଖ ସହଯୋଗ କରିଥିଲେ ।

## କୋଣାର୍କ ପୁରୀ ବେଳାମାର୍ଗ ସ୍ଥିତ ଇକୋ ରିଟ୍ରିଟ ପାଇଁ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା



କୋଣାର୍କ : କୋଣାର୍କ ଇକୋ ରିଟ୍ରିଟ ପାଇଁ ସମସ୍ତ ବ୍ୟବସ୍ଥା ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ଅପରାହ୍ନ ରେ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟ ର ସମୀକ୍ଷା କରିଛନ୍ତି ।ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟ କୁ ଶେଷ ପର୍ଯ୍ୟାୟ କୁ ନେଇଛନ୍ତି ।ତେବେ କୌଣସି କ୍ଷେତ୍ରରେ ଯେପରି କମି ନ ରହିଯାଏ ଓ ପର୍ଯ୍ୟଟକ ମାନେ ଏକ ସୁନ୍ଦର ଅନୁଭବ ନେଇ ପ୍ରତ୍ୟାବର୍ତ୍ତନ କରନ୍ତି ସେଥିପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କଲିବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ ।ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ସ୍ୱଚ୍ଛତା, ପରିସ୍କାର ପରିଛନ୍ନତା,ସ୍ୱାସ୍ଥ୍ୟ ସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।ଏହି କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷାରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି,ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ,କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ,ଇଭେଣ୍ଟ ଦାୟିତ୍ୱ ନେଇଥିବା ଇ ଫ୍ୟାକ୍ଟର ଏଜେନ୍ସି ର ଅଧିକାରୀ ଓ କର୍ମଚାରୀ ,ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୱାଲଟିୟର ଡିଭିଜନକୁ ଭାଙ୍ଗି ପୂର୍ବତଟ ରେଳବାଇକୁ ଦୁର୍ବଳ କରିବା ଚଳିବ ନାହିଁ : ମିଳିତ ବିରୋଧି ଦଳ



ଭୁବନେଶ୍ୱର, : ଗତ ଶୁକ୍ରବାର ସନ୍ଧ୍ୟାରେ ଅଲ ଇଣ୍ଡିଆ ଫରୱାର୍ଡ୍ ବ୍ଲକ, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଫରୱାର୍ଡ଼ ବ୍ଲକର ରାଜ୍ୟ କାର୍ଯ୍ୟାଳୟ 'ନେତାଜୀ ଭବନ' ପରିସରରେ ଏକ 'ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଓ ରେଳ ମନ୍ତ୍ରଣାଳୟର ବୈମାତୃକ ମନୋଭାବ' ସଂକ୍ରାନ୍ତରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ପ୍ରମୁଖ ୧୧ଟି ବିରୋଧୀ ଦଳର ବହୁ ବରିଷ୍ଠ ରାଜନୀତିଜ୍ଞ, ରେଳବାଇ-ବିଶେଷଜ୍ଞ, ସାମ୍ବାଦିକଙ୍କ ଉପସ୍ଥିତିରେ ଆୟୋଜିତ ଏହି ଆଲୋଚନା ସଭାରେ ବକ୍ତାମାନେ ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବତଟ ରେଳବାଇରୁ ୱାଲଟିୟର ଡିଭିଜନକୁ ଭାଗ ଭାଗ କରି ଏହାର ପ୍ରମୁଖ ଅଂଶକୁ ବିଜୟୱାଡ଼ା ଡିଭିଜନରେ ମିଶ୍ରଣ କରିବାର ହୀନ ଉଦ୍ୟମ ଫଳରେ ଓଡ଼ିଶା ଉପରେ ଏହାର ପଡ଼ିବାକୁ ଥିବା ଗମ୍ଭୀର ପ୍ରଭାବ ଉପରେ ଭାବଗର୍ଭକ ଆଲୋଚନା କରିଥିଲେ । ବକ୍ତାମାନେ ମୁଖ୍ୟତଃ ୱାଲଟିୟର ଡିଭିଜନର ବିଲୁପ୍ତି ପରେ ଓଡ଼ିଶା ତଥା ପୂର୍ବତଟ ରେଳବାଇର ସ୍ୱାର୍ଥ କିପରି ଅକ୍ଷୁର୍ଣ୍ଣ ରଖାଯାଇ ପାରିବ ସେଥିପାଇଁ ଆଗାମୀ ଦିନର ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଆଲୋଚନା ସଭାରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମଏଲ) ଲିବରେସନ୍, ସିପିଆଇ (ଏମଏଲ) ରେଡଷ୍ଟାର, ଆରଜେଡି, ସମାଜବାଦୀ ପାର୍ଟି, ଏନସିପି, ସମତାକ୍ରାନ୍ତି ଦଳ ଓ ଆପ୍ ଦଳର ରାଜ୍ୟ ନେତୃତ୍ୱମାନେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ । ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ବରିଷ୍ଠ ସାମ୍ବାଦିକ ରବି ଦାସ ସଭାପତିତ୍ୱ କରିଥିଲେ ।

ୱାଲଟିୟର ଡିଭିଜନର ପ୍ରମୁଖ ଅଂଶକୁ ଦକ୍ଷିଣ-କେନ୍ଦ୍ର ରେଳବାଇର ବିଜୟୱାଡା ଡିଭିଜନ ସହିତ ମିଶାଇ ଦେବାକୁ କେନ୍ଦ୍ର ସରକାର ପକ୍ଷରୁ ଚାଲିଥିବା ଚକ୍ରାନ୍ତକୁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିଲା । ଏହା ଫଳରେ ପୂର୍ବତଟ ରେଳବାଇକୁ ବାର୍ଷିକ ୧୫ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ହେବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏହି ଅବସରରେ ମତପ୍ରକାଶ କରିଥିଲେ । ୱାଲଟିୟର ଡିଭିଜନ ଭାଙ୍ଗିବା ପରେ ଏହାର ଅଧିକାଂଶ ଅ□ଳକୁ ଦକ୍ଷିଣ କେନ୍ଦ୍ର ରେଳବାଇର ବିଜୟୱାଡା ଡିଭିଜନ ସହିତ ମିଶ୍ରଣ ନକରି ସମଗ୍ର ୱାଲଟିୟର ଡିଭିଜନକୁ ଓଡ଼ିଶାର ରାୟଗଡା ଡିଭିଜନ ସହିତ ମିଶ୍ରଣ କରାଯିବାକୁ ଏହି ସଭାରେ ଦାବି କରାଯାଇଛି ।

ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡକୁ ନେଇ ଏକ ନୂତନ ଉ□ର ଓଡ଼ିଶା ଡିଭିଜନ ଗଠନ ପାଇଁ ସଭାରେ ସର୍ବସମ୍ମତ କ୍ରମେ ମତପ୍ରକାଶ ପାଇଥିଲା । ଆଗାମୀ ଦିନରେ କେନ୍ଦ୍ର ସରକାର ବିଶେଷକରି କେନ୍ଦ୍ର ରେଳ ବିଭାଗର ଓଡ଼ିଶା ପ୍ରତି ଏଭଳି ବୈମାତୃକ ମନୋଭାବକୁ ଦୃଢ଼ ବିରୋଧ କରାଯାଇ ପୂର୍ବତଟ ରେଳବାଇକୁ ସଶକ୍ତ କରିବା ପାଇଁ ପୂର୍ବତଟ ରେଳବାଇର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ଡିସେମ୍ବର ୨୦ ତାରିଖରେ ଏକ ଗଣ କନ୍‌ଭେନସନ ସଂଗଠିତ କରାଯିବାକୁ ଏହି ଆଲୋଚନା ସଭାରେ ସ୍ଥିର କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନା ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ□ାନନ କାନୁନଗୋ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁ□ଆ, ଅନନ୍ତ ପ୍ରସାଦ ସେଠୀ, ବିଧାନସଭାରେ କଂଗ୍ରେସ ସଂସଦୀୟ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡି, ଜୟନ୍ତ ଦାସ, ସିପିଆଇ (ଏମ୍)ର ବରିଷ୍ଠ ନେତ୍ରୀ ପୁଷ୍ପା ଦାସ, ପ୍ରଭାତ ପାଣିଗ୍ରାହୀ, ସିପିଆଇ (ଏମ୍-ଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡ଼ା, ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ଫରୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢୀ, ସିପିଆଇ (ଏମ୍-ଏଲ୍) ରେଡ଼ଷ୍ଟାରର ରାଜ୍ୟ ସମ୍ପାଦିକା ପ୍ରମିଳା, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଏନ୍‌ସିପିର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଆରଜେଡ଼ିର ସାଧାରଣ ସମ୍ପାଦକ ହେମନ୍ତ କୁମାର, ଆମ୍ ଆଦ୍‌ମୀ ପାର୍ଟିର ସମରେଶ ରାଉତ, ସମତା କ୍ରାନ୍ତି ଦଳର ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଓ ରାଜନୈତିକ କର୍ମୀମାନେ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ ପାଳିତ

ପାଟଣା ୧୨/୧୨(ନି.ପ୍ର): ମହାନ କବି ସୁବ୍ରମାନିଆ ଭାରତୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଘଟଗାଁ ବ୍ଲକ ଅନ୍ତର୍ଗତ ଟିକିରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ରାମ ଚନ୍ଦ୍ର ନାୟକ ଯୋଗ ଦେଇ ଭାଷାର ପ୍ରଚାର ପ୍ରସାର ରେ ମନୁଷ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ । ଭାରପ୍ରାପ୍ତ ଅଧ୍ୟକ୍ଷ ଭ୍ରମରବର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସୁବ୍ରମାନିଆ ଭାରତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନୀ, ସୃଜନଶୀଳତା ଓ ଭାଷା ପ୍ରତି ଅବଦାନ ସମ୍ବନ୍ଧରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ଭାରତୀୟ ଭାଷାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅସ୍ମିତା ସିହ୍ନା ପରିଚାଳନା କରିଥିଲେ ଓ ସୌମ୍ୟା ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବଡଖିର ପଂଚାୟତ ବରିଷ୍ଠ ବିଜେଡି ସଂଗଠକଙ୍କ ପରଲୋକରେ ଶୋକାକୂଳ ପରିବାର ପ୍ରତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମବେଦନା

ନିଶ୍ଚିନ୍ତକୋଇଲି ୧୨/୧୨(ନି.ପ୍ର):ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମ ପଂଚାୟତସ୍ଥ ବଡଖିର ଗ୍ରାମର ବିଶିଷ୍ଟ ବିଜେଡି ସଂଗଠକ ତଥା ବିଜୁ ପରିବାରର ସଦସ୍ୟ ଗଦାଧର ଚାନ୍ଦଙ୍କ ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ସ୍ୱର୍ଗତ ଚାନ୍ଦଙ୍କ ଘରକୁ ଯାଇ ଶୋକାକୂଳ ପରିବାର ପ୍ରତି ସମବେଦନା ଜଣାଇଥିଲେ । ଶ୍ରୀଯୁକ୍ତ ଜେନାଙ୍କ ସହ ସ୍ୱର୍ଗତ ଚାନ୍ଦଙ୍କ ପୁତ୍ର ତଥା ବିଜେଡି ସଂଗଠକ ପ୍ରବୋଧ କୁମାର ଚାନ୍ଦ, ପ୍ରଗତୀ କୁମାର ଚାନ୍ଦ, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ପଂଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସାହୁ, ସ୍ଥାନୀୟ ସରପଂଚ ହିଂମାଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟ ବିପ୍ଲବ କିଶୋର କାପ,ଶିକ୍ଷାବିତ୍ ଜୟଦେବ ସାହୁ, ଯୁବକର୍ମୀ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କାଜୁ ଗଛରୁ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ବୁଗୁଡା ୧୨/୧୨(ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ଏନଏସିର କାଦପଡା ନିକଟସ୍ଥ କେନାଲ ନିକଟ ଜଙ୍ଗଲ ପାଦଦେଶର ଏକ କାଜୁ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ବୁଗୁଡା ଏନଏସିର ଯାଦବ ସାହିର ଡି.ବଳରାମ ପାତ୍ର(୩୫)। ସୂଚନା ପ୍ରକାରେ କିଛି ଲୋକେ ସକାଳ ସମୟରେ ଏକ କାଜୁ ଗଛରେ ଯୁବକଙ୍କ ଝୁଲନ୍ତା ଶରୀର ଦେଖିବାକୁ ପାଇ ବୁଗୁଡା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବୁଗୁଡା ପୋଲିସ ଥାନା ଆଇଆଇସି ସିତାଂଶୁ ଶେଖର ମାନ୍ଧାତାଙ୍କ ସମେତ ଏସଆଇ ସମିର କୁମାର ସେଠୀ ଓ ପୁଲିସ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ୍ ଯୁବକଙ୍କ ପରିଚୟ ଜାଣିବା ପରେ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ଘଟଣା ସ୍ଥଳରେ ପରିବାର ଲୋକ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ପୋଲିସ ଯୁବକଙ୍କ ଝୁଲନ୍ତା ମୃତ ଶରୀରକୁ ଉଦ୍ଧାର କରି ଜବତ କରଥିଲେ। ବୁଗୁଡା ପୋଲିସ ଥାନାର ୨୩/୨୪ ପ୍ରକାରେ ଏକ ଅପମୃତ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ୍ ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ଶ୍ରୀ ମାନ୍ଧାତା ପ୍ରକାଶ କରିଛନ୍ତି।

## ଭାଲୁ ଆକ୍ରମଣରେ ମହିଳା କ୍ଷତାକ୍ତ



ମୟୂରଭଞ୍ଜ/ ରାଇରଙ୍ଗପୁର ୧୨/୧୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ,ପାସନା ଗ୍ରା.ପ. ର ହରିଲାବେଡ଼ା ଗାଁ ର ଜଣେ ମହିଳା ଅପରାହ୍ନରେ ଭାଲୁ ଆକ୍ରମଣରେ ଗୁରୁତର କ୍ଷତାକ୍ତ ହୋଇ ଜାମଦା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।ପରେ ରାଇରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।ସୂଚନାଯୋଗ୍ୟ ଯେ ହରିଲାବେଡ଼ା ଗାଁ ର ଜୟରାମ ସୋରେନ୍ ଙ୍କ ସ୍ତ୍ରୀ ନିକଟସ୍ଥ ଛୋଟ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ସ୍ୱୀକାର ହୋଇଥିଲେ ।କିଛି ଦିନ ହେବ ଏହି ଅଞ୍ଚଳରେ ଭାଲୁ ଆତଙ୍କ ବୃଦ୍ଧି ପାଇଥିବା ଦେଖଣାହାରୀମାନେ କହିଛନ୍ତି ।ବଡ଼ିଭୋର ସକାଳ,ରାତିରେ,ସନ୍ଧ୍ୟାରେ ଭାଲୁମାନେ ରାସ୍ତାକଡକୁ ଆସୁଥିବା ଜଣାପଡ଼ିଛି ।

## ମିଡିଆକିଆରେ ଭାରତୀୟ ଭାଷା ଉତ୍ସବ ଦିବସ ପାଳିତ

ବାଲିଗୁଡା ୧୨/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ମିଡିଆକିଆ ପଞ୍ଚାୟତ ର ନୂଆସାହି ପ୍ରାଥମିକ ବିଦ୍ୟାଳୟ ତରଫରୁ ଭାରତୀୟ ଭାଷା ଉତ୍ସବ ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ ପୂଜାରୀ, ସମ୍ମାନିତ ଅତିଥି ଭାବେ ମିଡିଆକିଆ ସରପଞ୍ଚ ଅଶୋକ ମଲିକ ଉପସ୍ଥିତ ରହି ମହାକବି ସୁବ୍ରମାନିଆ ଭାରତୀଙ୍କ ଫୋଟୋ ଚିତ୍ରରେ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଙ୍କ ସମେତ ସହକାରୀ ଶିକ୍ଷୟତ୍ରୀ କିମନ୍ତି ମଳିକ ଓ ସରୋଜିନୀ ମଳିକ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ବଣ୍ଟନ କରାଯଇଥିଲା।

# ଆଦର୍ଶ ବିଦ୍ୟାଳୟ ରେ ଖାଦ୍ୟ ମହୋତ୍ସବ ପାଳିତ



ନୂଆପଡା ୧୨/୧୨(ନି.ପ୍ର): ନୂଆପଡା ଜିଲ୍ଲା କେଶରାଜପୁର ଆଦର୍ଶ ବିଦ୍ୟାଳୟ ଠାରେ ଖାଦ୍ୟ ମହୋତ୍ସବ ପାଳିତ ହୋଇଥିଲା । ବିଦ୍ୟାଳୟ ର ଅଧକ୍ଷ ଚିତ୍ତରଞ୍ଜନ ମଟାରୀ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ବିଭିନ୍ନ ରକମର ଖାଦ୍ୟ ଆଣି ପ୍ରଦର୍ଶନ କରିଥିଲେ । ଆଜିର ଦିନ କୁ ଚାଷୀର ଅବଦାନକୁ ମନେ ପକାଇ, ଖାଦ୍ୟ ଅପଚୟକୁ ହ୍ରାସ କରିବା ଏବଂ ଏକ ସୁସ୍ଥ ଓ ଉତ୍ପାଦନକାରୀ ଓଡ଼ିଶା ପାଇଁ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିକର ଏବଂ ନିରାପଦ ଖାଦ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେଉ ବୋଲି ବିଦ୍ୟାଳୟ ର ଶିକ୍ଷକ ମାନେ ମତେ ଦେଇଥିଲେ। ଅନିମା ବାରିକ, ସନ୍ତୋଷ କୁମାର ଦାସ, ସାର୍ଥକ ସାରଥି ସିଂ, ଆକାଶ ମୁଣ୍ଡା, ସାଗର ମହାନ୍ତି, ଲିଲି ପଟେଲ, ଜିତେନ୍ଦ୍ର ନାଥ ଗହୀର ବିଚାରପତି ମଣ୍ଡଳୀ ଭାବ ରହି ଛାତ୍ରଛାତ୍ରୀମାନଙ୍କ ଖାଦ୍ୟ ଯାଞ୍ଚ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ବାର୍ଷିକ ଉତ୍ସବ ଦିନ ପୁରସ୍କାର ବିତରଣ କରାଯିବ ବୋଲି ସ୍ଥିର ହୋଇଛି ।

## ବାଣପୁର ରୁ ବେଆଇନ ଗଞ୍ଜେଇ ଜବତ, ଜଣେ ଗିରଫ



ବାଣପୁର ୧୨/୧୨(ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇ ଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ୍ କୁମାର ମୁଦୁଲି ଙ୍କ ନେତୃତ୍ୱ ରେ ବୁଧବାର ଦିନ ବାଣପୁର ଥାନା ପାରିନୁଆଗାଁ ଛକ ରେ ବସ କୁ ଅପେକ୍ଷା କରିଥିବା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ଗଞ୍ଜାମ ଜିଲ୍ଲା ର ଚନ୍ଦନପୁର ଗ୍ରାମର ବେଲାଳସେନ ପ୍ରଧାନ(୨୨) ଙ୍କୁ ୧୧ .୫୦୦ କିଲୋଗ୍ରାମ ବେଆଇନ ଗଞ୍ଜେଇ କାରବାର ରେ ଗିରଫ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ ଲକ୍ଷ ପନ୍ଦର ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଉକ୍ତ ଚଢାଉରେ ବାଲୁଗାଁ ଅବକାରୀ ଏ ଏସ ଆଇ ସଞ୍ଜୟ କୁମାର ସୁବୁଦ୍ଧି , କନଷ୍ଟେବଳ ଆଶିଷ ପ୍ରଧାନ, ତୁଷାରକାନ୍ତି ଚଂପତି,ଚିନ୍ମୟୀ ଦାସ ଓ କାଲୁ ପ୍ରଧାନ ଆଦି ସାମିଲ ଥିଲେ। ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ତିନୋଟି ପର୍ଯ୍ୟାୟରେ ଧାନ କିଣାଯିବ

ନିମାପଡ଼ା ୧୨/୧୨(ନି.ପ୍ର): ପୁରୀ ଜିଲ୍ଲାରେ ତିନୋଟି ପର୍ଯ୍ୟାୟରେ ଧାନ କିଣା ଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି ।ଜିଲ୍ଲାରେ ଜାନୁଆରୀ ୩ ରେ ପ୍ରଥମେ ବ୍ରହ୍ମଗିରି ,କୃଷ୍ଣପ୍ରସାଦ ଓ ପିପିଲି ବ୍ଲକରେ ଧାନ କିଣା ଯିବ।ସେହିପରି ୭ ତାରିଖରେ ସତ୍ୟବାଦୀ ଓ ପୁରୀ ସଦର ବ୍ଲକ ଏବଂ ୭ ତାରିଖରେ ନିମାପଡ଼ା ,ଗୋପ ,ଅସ୍ତରଙ୍ଗ ,କାକଟପୁର ,ଡେଲାଙ୍ଗ ବ୍ଲକ୍ ରେ ଧାନ କିଣା ଯିବା ଲାଗି ନିଷ୍ପତି ଗ୍ରହଣ କରାଯାଇଛି ।ଅସ୍ତରଙ୍ଗ ବ୍ଲକରେ ୨୭୧୩,, ବ୍ରହ୍ମଗିରି ବ୍ଲକରେ ୧୦୩୭, ଡେଲାଙ୍ଗ ବ୍ଲକ୍ ରେ ୪୩୬୪, ଗୋପ ବ୍ଲକ ରେ ୯୭୮୮,କାକଟପୁର ବ୍ଲକ ରେ ୩୨୧୮, କଣାସ ବ୍ଲକ୍ ରେ ୧୮୪୭, କୃଷ୍ଣପ୍ରସାଦ ବ୍ଲକ୍ ରେ ୧୫୮୦, ନିମାପଡ଼ା ବ୍ଲକ ରେ ୧୦୭୧୫, ପିପିଲି ବ୍ଲକ ରେ ୫୮୮୦, ପୁରୀ ସଦର ବ୍ଲକ ରେ ୩୫୩୨, ଓ ସତ୍ୟବାଦୀ ବ୍ଲକରେ ୪୫୬୬ ଚାଷୀ ରହିଛନ୍ତି ।ପ୍ରଥମ ପର୍ଯ୍ୟାୟରେ ୧୧,୬୮,୬୦୩ କ୍ୟୁଣ୍ଟାଲ ,ଧାନ ସଂଗ୍ରହ କରାଯିବାକୁ ସ୍ଥିର ହୋଇଛି ।ଦ୍ୱିତୀୟ ପର୍ଯ୍ୟାୟ ସମୟ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟ ପକ୍ଷରେ ଅଭାବ ଧାନ ବିକ୍ରି ଓ ବେ ଆଇ ନ କିଣାବିକା କୁ ରୋକିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପକ୍ଷରୁ ଚଢାଉ କରାଯିବା ଲାଗି ୧୧ ଟି ସ୍କାର୍ଡ ଗଠନ କରାଯାଇଛି ।ପ୍ରତ୍ୟେକ ବ୍ଲକ ରେ ଏ ମ ଆଇ ଙ୍କ ନେତୃତ୍ୱରେ ଟିମ୍ ବିଭିନ୍ନ ମଣ୍ଡି ବୁଲି ଧାନ କିଣା ସମୟରେ ସ୍ଥିତି ପରଖିବା ଲାଗି ନିର୍ଦ୍ଦେଶ ଦିଆ ଯାଇଥିବା ଶ୍ରୀ ହୋତା ସ୍ପଷ୍ଟ କରିଛନ୍ତି। ଜିଲ୍ଲାରେ ୪୯ ,୨୭୬ ଚାଷୀ ଅନଲାଇନ ଜରିଆରେ ସୋ ସାଇଟୀ ମାଧମରେ ପଞ୍ଜିକରଣ କରିଥିବା ବେଳେ ଯାଞ୍ଚ ପରେ ୪୯ ,୨୪୦ ଯୋଗ୍ୟ ବିବେଚିତ ହୋଇଛନ୍ତି ।୧୮୪ ସୋସାଇଟି ଓ ତିନି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହରେ ନିୟୋଜିତ କରାଯାଇଛି। ୨୧ ଟି ମିଲର ଧାନ ସଂଗ୍ରହ ରେ ସହଯୋଗ କରିବେ ନିଷ୍ପତି ହୋଇଛି ।ଚଳିତ ବର୍ଷ ଚାଷୀ ମାନେ କ୍ୟୁଣ୍ଟାଲ ପିଛା ଧାନ ର ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ସବ୍ ସିଡି ୮୦୦ ଟଙ୍କା ଏହିପରି ୩୧୦୦ ଟଙ୍କା ପାଇବେ ।

## ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ସମ୍ବଲପୁରୀ କେଲେଣ୍ଡର ଉନ୍ମୋଚିତ



ଅତାବିରା ୧୨/୧୨(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଏନ୍ ଏ ସି ଅନ୍ତର୍ଗତ ଲାଦେରପାଲି ଦେବୀ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ପୀଠରେ ସମ୍ବଲପୁରୀ ରାମଚଣ୍ଡୀ କେଲେଣ୍ଡର ଉନ୍ମୋଚିତ ହୋଇଯାଇଛି। ଅତାବିରା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ସଂଗଠକ ଶ୍ରୀ ସୁବାଷ ପ୍ରଧାନ ଙ୍କ ଦ୍ୱାରା ଦୀର୍ଘ ୫ ବର୍ଷ ରୁ ପ୍ରକାଶିତ ହୋଇଆସୁଥିବା ଶ୍ରୀ ଶ୍ରୀ ମାଁ ରଣେଶ୍ୱର ରାମଚଣ୍ଡୀ କେଲେଣ୍ଡର ର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ଦେବୀ ମାଁ ରାମଚଣ୍ଡୀଙ୍କୁ ପ୍ରଥମେ ଅର୍ପଣ କରିବା ପରେ ଏହି କେଲେଣ୍ଡର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ରାମଚଣ୍ଡୀ ମନ୍ଦିର ର ବିଶିଷ୍ଟ ସମାଜସେବୀ ତଥା ସଂଗଠକ ଶ୍ରୀ ଦିବାକର ପ୍ରଧାନ, ରାମଚଣ୍ଡୀ ମନ୍ଦିର ପୂଜକ ଡମ୍ବରୁ , ସମାଜସେବୀ ତଥା ସଂଗଠକ ଶ୍ରୀ ସୁବାଷ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ହେମକାନ୍ତ ପ୍ରଧାନ,କୈଳାସ ପ୍ରଧାନ, ଦଶରଥ ଭୋଇ, ଲେଲିନ ପଧାନ,ସଦାନନ୍ଦ ପ୍ରଧାନ, ଦୁର୍ଲ୍ଲଭ ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ସ୍ୱ ଖର୍ଚ୍ଚରେ ଏହି କେଲେଣ୍ଡର କୁ ପ୍ରକାଶିତ କରିଆସୁଥିବା ଶ୍ରୀ ସୁବାଷ ପ୍ରଧାନ କହନ୍ତି ମାଁ ରାମଚଣ୍ଡୀ ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଚାର ପ୍ରସାର ପାଇଁ ଏହି କାମ ବେଶ ଉତ୍ସାହ ସହକାରେ କରିଆସୁଛି। ଜାନୁଆରୀ ଇଂରାଜୀ ନବବର୍ଷ ଠୁ ଆରମ୍ଭ କରି ଡିସେମ୍ବର ବର୍ଷ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପର୍ବପର୍ବାଣି ,ଜାନିଯାତରା, ତିଥି,ବାର,ଦିବସ ଏଥିରେ ସମ୍ବଲପୁରୀ (କୋସଲି) ଭାଷାରେ ଖୁବ୍ ଚିତ୍ତାକର୍ଷକ ଭାବେ ସ୍ଥାନ ପାଇଥାଏ। ଆମ ମାଁ ମାଟିର ଆଞ୍ଚଳିକ ଭାଷାରେ ପ୍ରକାଶିତ ହୋଇଆସୁଥିବା ଏହି କେଲେଣ୍ଡର କୁ ସମସ୍ତ ଜନସାଧାରଣଙ୍କ ସମେତ ଆମ କୁଳିତା ଜାତିଭାଇ ମାନେ ଖଣ୍ଡେ ଖଣ୍ଡେ।

# ପିପୁଲସ କଲେଜରେ ମାନବାଧିକାର ଦିବସ ପାଳନ

ବୁଗୁଡା ୧୨/୧୨(ନି.ପ୍ର): ସମଗ୍ର ବିଶ୍ୱରେ ଡିସେମ୍ବର ୧୦ ତାରିଖ ଦିନ ମାନବାଧିକାର ଦିବସ ପାଳନ ହୋଇଆସୁଅଛି। ସେହି ପରିପ୍ରେକ୍ଷୀରେ ବୁଗୁଡା ପିପୁଲସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଡିସେମ୍ବର ୧୦ ତାରିଖ ଦିନ ମାନବାଧିକାର ଦିବସ ପାଳନ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ' ଝଷର ଯଛଭବଙ୍କସମ କ୍ଷବଭୟଯସ୍ମମବକ୍ତର କ୍ଟଲ ଐଙ୍କଙ୍କବଭ ଜସଶଷସ୍ପସ୍ପ : କ୍ଟବସ୍ପସ୍ପ, କ୍ଟସ୍ପବରସ୍ପରଭସ୍ପ ବଭୟ ଲଙ୍କସ୍ପଙ୍କସ୍ପର.' ବିଷୟବସ୍ତୁକୁ ନେଇ ଏକ ପାଠଚକ୍ରର ଆୟୋଜନ କରାଯାଇଥିଲା। କଲେଜର ସମ୍ମିଳନୀ କକ୍ଷରେ ଆୟୋଜିତ ପାଠଚକ୍ରରେ କଲେଜର ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକ ଅଧକ୍ଷତା କରିଥିଲେ। ଏହି ପାଠଚକ୍ରରେ ବି.ଡି.ପୁର ଗ୍ରାମର ଟିଏସଡି କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଅଲେଖ ଚନ୍ଦ୍ର ଘଡେଇ ମୁଖ୍ୟ ଅତିଥି ଓ ଭଞ୍ଜନଗର ବ୍ଲକ ଗୋଛାବାଡ଼ି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜିତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପିପୁଲସ କଲେଜର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଡକ୍ଟର ବିନୋଦ କୁମାର କର ପାଠଚକ୍ର ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର କୁମାର ଖଣ୍ଡୁଆଳଙ୍କ ସମେତ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଆତ୍ମପ୍ରକାଶ ନାୟକ ଓ ସାମ୍ବାଦିକ ପ୍ରଫୁଲ କୁମାର ପଟ୍ଟନାୟକ(ବାବୁଲି) ମଧ ଉପସ୍ଥିତ ଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ରୂପାଲି ପାତ୍ର ଓ ପ୍ରଥମ ବର୍ଷର ଛାତ୍ରୀ ଗୀତାଞ୍ଜଳୀ ପ୍ରଧାନ ପାଠଚକ୍ରର ସନ୍ଦର୍ଭ ପଠନ କରିଥିଲେ। ସନ୍ଦର୍ଭ ପଠନ ପରେ ମୁଖ୍ୟ ଅତିଥି ଅଧ୍ୟାପକ ଶ୍ରୀ ଘଡେଇ ପାଠଚକ୍ରର ବିଷୟର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ପଣ୍ଡା ପାଠଚକ୍ର ଉପରେ ଆଧାରିତ ଓ୍ୱାନ ଦବା ସହ ବ୍ୟଙ୍ଗ କବିତା, ଅଭିନୟ ଓ ସଙ୍ଗୀତ ମାଧମରେ ଛାତ୍ରଛାତ୍ରୀଙ୍କ ମନରେ ଆନନ୍ଦ ଉଲ୍ଲାସର ବାତାବରଣ ସୃଷ୍ଟି କରିଥିଲେ। ଏହାପରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବୃନ୍ଦ ସକ୍ରିୟଭାବେ ଅଂଶ ଗ୍ରହଣ କରିଥିଲେ। ଶେଷରେ ତୃତୀୟ ବର୍ଷ ଛାତ୍ରୀ ରୋଜାଲିନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





# ତିନି ଅସହାୟ ରୋଗୀ ଙ୍କୁ ଆର୍ଥିକ ସହଯୋଗ ର ହାତ ବଢ଼ାଇଲା ନିଷ୍ଠା ପରିବାର

ଅତାବିରା ୧୨/୧୨(ନି.ପ୍ର):ବରଗଡ଼ ବ୍ଲକ ଅନ୍ତର୍ଗତ ବେହେରା ଗ୍ରାମ ର ଅଙ୍କୁଶ ଜଗଦଲା ବୟସ ମାତ୍ର ୧୭ବର୍ଷ ବାପା ନାରାୟଣ ଜଗଦଲା ଅଙ୍କୁଶ +୨ ରେ ପାଠ ପଢନ୍ତି ।ଦିପାବଳୀ ଦିନ ଫଟକା ରେ ତାଙ୍କ ହାତ ରେ ଗୁରୁତର ର ଆଘାତ ହୋଇ ଥିଲା ବର୍ତ୍ତମାନ ସେ ରାୟପୁର ର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧିନ ଅଛନ୍ତି। ଅତ୍ୟନ୍ତ ଗରୀବ ହୋଇଥିବା ରୁ ଆର୍ଥିକ ସ୍ଥିତି ବହୁତ ଖରାପ ଥିବା ଖବର ପାଇଥିଲା ନିଷ୍ଠା ପରିବାର ।ସେହିପରି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଥୁଆପାଲି ଗ୍ରାମ ର ଶୁକ୍ରୁ ଭୁଏ ପତ୍ନୀ ଭାନୁମତୀ ଭୁଏ। ଶୁକ୍ରୁ ଭୁଏ ପେଶା ରେ ଖବର କାଗଜ ବିତରକ । ଗୋଟିଏ ଦୁର୍ଘଟଣା ରେ ଆଘାତ ହୋଇ ବର୍ତ୍ତମାନ ସେ ବୁର୍ଲା ହସ୍ପିଟାଲ ରେ ଚିକିତ୍ସାଧିନ ଅଛନ୍ତି। ତାଙ୍କୁ କିଛି ଆର୍ଥିକ ସହଯୋଗ ପାଇଁ ତାଙ୍କ ପତ୍ନୀ ଓ ପରିବାର ବର୍ଗ ଅନୁରୋଧ କରିଥିବା ଖବର ସକାଳ ଖବର କାଗଜ ରେ ଦେଖିବାକୁ ପାଇଥିଲା ନିଷ୍ଠା ପରିବାର। ଠିକ ସେହିପରି ସୋହେଲା ବ୍ଲକ ଅନ୍ତର୍ଗତ ସୋହେଲା ଗ୍ରାମ ର ପ୍ରଦ୍ୟୁମ୍ନ ସାହୁ (ପପ୍ପୁ) ଏକ ଦୁର୍ଘଟଣା ରେ ଆଘାତ ହୋଇ ଅନେକ ଖର୍ଚ୍ଚାନ୍ତ ହେବା ପରେ ବର୍ତ୍ତମାନ ଚିକିତ୍ସା ରେ ଅର୍ଥ ସାଜିଛି ବାଧକ। ବର୍ତ୍ତମାନ ସେ ଘରେ ଅଛନ୍ତି। ତାଙ୍କ ବାପା ବସନ୍ତ କୁମାର ସାହୁ ଆର୍ଥିକ ସହଯୋଗ ପାଇଁ ନିଷ୍ଠା ପରିବାର କୁ ଅନୁରୋଧ କରିଥିଲେ। ଗତ ନଭେମ୍ବର ୨୯ତାରିଖ ବରଗଡ଼ ପୁସ୍ତକ ମେଳାରେ ସମ୍ବର୍ଦ୍ଧିତ ହୋଇଥିବା 'ସ୍ୱର୍ଗତ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ'ରୁ ପାଇଥିବା ନଗଦ ପାଞ୍ଚ ହଜାର ସହାୟତା ରାଶି ସହ ଆଉ ଦଶ ହଜାର ମିଶାଇ ସର୍ବମୋଟ ୧୫୦୦୦/- (ପନ୍ଦର ହଜାର) ଟଙ୍କା କୁ ତିନି ଅସହାୟ ରୋଗୀ ଙ୍କୁ ୫୦୦୦/- (ପାଞ୍ଚ ହଜାର) ଟଙ୍କା ଲେଖାଏ ଫୋନ ପେ ମାଧମ ରେ ନିଷ୍ଠା ପରିବାର ତରଫ ରୁ ପ୍ରଦାନ କରାଯାଇଛି। ସମସ୍ତେ ଶୀଘ୍ର ସୁସ୍ଥ ହୁଅନ୍ତୁ ଏହା ହିଁ ମାଁ ସମଲେଶ୍ୱରୀ ଙ୍କ ଠାରେ ନିଷ୍ଠା ପରିବାର ପ୍ରାର୍ଥନା କରିଛନ୍ତି।

## କାକଟପୁର ମିଡ଼ିଆ ଫୋରମର ସାଧାରଣ ବୈଠକ ଅନଷ୍ଠିତ

ନିମାପଡା ୧୨/୧୨(ନି.ପ୍ର):କାକଟପୁରର ଏକମାତ୍ର ପଞ୍ଜିକରଣ ଗଣମାଧ୍ୟମ କାକଟପୁର ମିଡ଼ିଆ ଫୋରମର ସାଧାରଣ ବୈଠକ କୁତାମଚଣ୍ଡି ବନ୍ୟ ପରିବେଶ ମଧ୍ୟରେ ଅସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବି ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଆଗାମୀ ସମୟସୀମା ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ମନୋନୀତ କରାଗଲା। ନୂତନ ମନୋନୀତ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ରାଉତ, ଉପସଭାପତି ମାନସ କୁମାର ସାମଲ, ସମ୍ପାଦକ ଶଙ୍କର ପ୍ରସାଦ ଦାସ,ସହ ସମ୍ପାଦକ ସତ୍ୟଜିତ୍ ଦାଶ, କୋଷାଧକ୍ଷ କ୍ଷେତ୍ରମୋହନ ଦାଶଙ୍କୁ ମନୋନୀତ କରାଗଲା। ମିଡ଼ିଆ ଫୋରମର ଉପଦେଷ୍ଟା ଭାବେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବି ପ୍ରଫୁଲ୍ଲ କୁମାର ନାୟକ, ମିଡ଼ିଆର କାର୍ଯ୍ୟନିର୍ବାହୀ କମିଟିକୁ ପ୍ରସନ୍ନ କୁମାର ପାତ୍ର, ବିପିନ ଦାସ, ଜ୍ଞାନରଞ୍ଜନ ବିଶ୍ୱାଳ,ଆର୍ଯ୍ୟ ବିଶ୍ୱାଳ,ଆର୍ତ୍ତ ଚରଣ ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ସମ୍ପାଦକଙ୍କ ଠାରୁ ପ୍ରକାଶ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ସାହୁ,ବାବୁଲି ପାତ୍ର,ବିଜୟ କୁମାର ବେହେରା ସମୀର କୁମାର ମହାପାତ୍ର, ଚୈତନ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସ୍ତରରେ ପୁରସ୍କୃତ ହେଲା କୋରାପୁଟ ଜିଲ୍ଲା



କୋରାପୁଟ ୧୨/୧୨(ନି.ପ୍ର): ଜାତୀୟ ସ୍ତରରେ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ କୋରାପୁଟ ପୁରସ୍କୃତ ହୋଇଛି ।'ନାନାଜୀ ଦେଶମୁଖ' ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ବର୍ଗରେ କୋରାପୁଟ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା(ପଞ୍ଚାୟତ)ଭାବେ ପୁରସ୍କୃତ ହୋଇଛି ।ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କାର ପ୍ରଦାନ କରିଛନ୍ତି। କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଜିଲ୍ଲାପାଳ ଭି.କୀର୍ତ୍ତି.ଓ୍ୱାସନ ପୁରସ୍କାର ଗ୍ରହଣ କରିଥିଲେ ।ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ ।ଏହି ବାବଦରେ କୋରାପୁଟ ଜିଲ୍ଲା ୩ କୋଟି ଟଙ୍କାର ପୁରସ୍କାର ରାଶି ପାଇଛି ।ଜାତୀୟ ସ୍ତରରେ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ କୋରାପୁଟ ପୁରସ୍କୃତ ହୋଇଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।କୋରାପୁଟ ଜିଲ୍ଲା ତଥା ଓଡ଼ିଶା ରାଜ୍ୟ ପାଇଁ ଏହି ପୁରସ୍କାର ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା କହିଛନ୍ତି ।ଏହି ପୁରସ୍କାର ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ପାଇଁ ଉତ୍ସର୍ଗୀକୃତ ଏବଂ ଏହି ସଫଳତା ପାଇଁ ଜିଲ୍ଲାର ସମସ୍ତ ପଞ୍ଚାୟତରାଜ ଜନ ପ୍ରତିନିଧି ମାନଙ୍କ ଭୂମିକା ପ୍ରଶଂସନିୟ ବୋଲି ଜିଲ୍ଲାପାଳ ଭି.କୀର୍ତ୍ତି.ଓ୍ୱାସନ କହିଛନ୍ତି।

## ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ଯୋଗ ଦେଲେ ବିଜେପି ର ଶତାଧିକ କାର୍ଯ୍ୟକର୍ତ୍ତା



ନବରଙ୍ଗପୁର୧୨/୧୨(ନି.ପ୍ର):ଡାବୁଗାଁ ମଣ୍ଡଳ ସଭାପତି ଜେ ରାଜଶେଖର ରାଓ ଓ କୃଷକ ମୋର୍ଚ୍ଚା ସଭାପତି ଜି କିରଣ କୁମାର ଙ୍କ ଦ୍ୱାରା ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ଯୋଗଦେଲେ ବିଜେପି ର ତିନି ଶହ ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା। ଏହି ଅବସରରେ ଏକ ବୈଠକ କୁ ସଞ୍ଚାଳନ କରିଥିଲେ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜୟନ୍ତ କୁମାର ପାତ୍ର। ବିଜେପି ର ବରିଷ୍ଠ ନେତା ସୋମନାଥ ପୂଜାରୀ, ପାପଡାହାଣ୍ଡି ସଭାପତି କ୍ଷେତ୍ରମୋହନ ପାତ୍ର, ଭାସ୍କର ମହାପାତ୍ର, ହରି ପାଣିଗ୍ରାହୀ, ମନୋରମା ନାୟକ, ଭୀମସେନ ଜେନା, ଯୁବମୋର୍ଚ୍ଚା ସଭାପତି ଓ୍ୱାଇ ରାଜକୁମାର ଏବଂ ରତ୍ନ କଲାର ମଞ୍ଚାସିନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦଶମୁ କଲାର, ହରି ଡଙ୍ଗରୀ , ନରସିଂହ ଭତ୍ରା, ଜ୍ୟୋସ୍ନା ନାୟକ, ଲକ୍ଷ୍ମୀ ଜାନୀ, କାଞ୍ଚନ ହରିହର, ଆସ୍ତମା ଗୌଡ଼, ଚନ୍ଦ୍ରକଳା ରାଓ, ଜେ ଭେଙ୍କଟ ରାଓ, ସନୁ ମାଝୀ, ଧନସିଂ ଭତ୍ରା, ଗୋବିନ୍ଦ ମାଝୀ, ଦିନବନ୍ଧୁ ମାଝୀ, ପୂର୍ବତନ ମଣ୍ଡଳ ସଭାପତି ରବିନ୍ଦ୍ର ପାଳ ଓ ଭାସ୍କର ସୁନା, ଭଗତ କଲାର, ସ୍ୱାଧୀନ ପଟ୍ଟନାୟକ, କମଲୁ ଗୌଡ଼, ଗିରି ମାଝୀ, କବିରାଜ ମାଝୀ , ଭଦର ହରିଜନ, ରାମନା ରେଲି, ଦିଆନ ଜାନୀ, ଗୁଣଧର ଭତ୍ରା, ଜଳନ୍ଧର ମାଝୀ, ତଥା ତିନି ଶହ ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ। ଅଧିକ ଏକ୍ଟିଭ୍ ମେମ୍ବର କରିବା ପାଇଁ ମଞ୍ଚାସିନ ବକ୍ତା ମାନେ କାର୍ଯ୍ୟକର୍ତ୍ତା ମାନଙ୍କୁ ଅନୁରୋଧ କରିଥିଲେ।

## ପାଟଣା ରେ ନୂତନ ଥାନା ଅଧିକାରୀଙ୍କ ଯୋଗ ଦାନ



ପାଟଣା ୧୨/୧୨(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ରେ ନୂତନ ଥାନାଧିକାରୀ ଭାବରେ ଆଇ ଆଇ ସି ମାନସ କୁମାର ମହାକୁଡ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତିକ୍ଷ ଏହା ପୂର୍ବରୁ ସେ ଅନୁଗୁଳ, ରାଉରକେଲା, ଚାନ୍ଦିପୋଷ ଆଦି ବିଭିନ୍ନ ଥାନା ରେ କାର୍ଯ୍ୟ କରିଥିଲେ ।ପାଟଣା ଥାନା ଅଞ୍ଚଳ ରେ ଡକାୟତି, ଚୋରୀ ବୃଦ୍ଧି ପାଇଥିବା ବେଳେ ନୂଆ ଥାନା ଅଧିକାରୀ ଚୋରି ଲୁଟ ଆଇନ ଶୃଙ୍ଖଳା ରକ୍ଷା ଉପରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ଗ୍ରାମ୍ୟ ଜଳ ପରିମଳ ସମିତି କର୍ମକର୍ତ୍ତା ଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଶିବିର



ପାଟଣା ୧୨/୧୨(ନି.ପ୍ର): ପାଟଣା ବ୍ଲକ ସଭାଗୃହ ରେ ଆଜି ୪ଟି ପଞ୍ଚାୟତର ଜଳ ପରିମଳ ସମିତି କର୍ମକର୍ତ୍ତା ଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।ବିଡିଓ ମାନସ କୁମାର ଦଣ୍ଡପାଟ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସସ୍ମିତା ନାୟକ ଗୋଷ୍ଠୀ ସମ୍ବଳ ସଂଯୋଜକ ମହମ୍ମଦ ଜମାଲୁଦ୍ଦିନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଡି ଏସ ସି ଅସିତ କୁମାର ପାତ୍ର, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସମ୍ବଳ ବ୍ୟକ୍ତି ଶିବନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଡୁମୁରିଆ, ପଲାଶଘାଟି,ବଡପାଟଣା ଓ ଟାଙ୍ଗରପଡା ପଞ୍ଚାୟତ ର ୬ଟି ଗ୍ରାମରୁ ଆସିଥିବା ଜଳ ପରିମଳ ସମିତି କର୍ମକର୍ତ୍ତା ଙ୍କୁ ପରିମଳ ବ୍ୟବସ୍ଥାରେ ଉନ୍ନତି ଓ ସମିତିରେ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତାଲିମ ଦେଇଥିଲେ ।ଏଥିରେ ୪ ପଞ୍ଚାୟତ ର ସରପଞ୍ଚ, ପିଇଓ,ଏମବିକେ ଓ ସିଆରପି ମାନେ ଯୋଗ ଦେଇଥିଲେ।

# ଅନଲାଇନ ଗେମ୍‌ରୁ ଅପରାଧୀ ପାଲଟିଯାଉଛନ୍ତି ଯୁବପିଢ଼ି



ଭୁବନେଶ୍ୱର, ୧୨/୧୨: ଉତ୍ତରାଂଚଳ ଆଇ.ଜି ହିମାଂଶୁ ଲାଲଙ୍କ ଖୋଲା ବୟାନ। ଆମେ ତଦନ୍ତ କରୁଥିବା ଅଧିକାଂଶ ମାମଲାରେ ସଂପୃକ୍ତ ଯୁବପିଢ଼ି। ସେମାନଙ୍କ ଭିତରୁ ଅଧିକାଂଶ ଅନଲାଇନ୍ ଗେମ୍ ଖେଳି ଲକ୍ଷ ଲକ୍ଷ ଟଙ୍କା ହାରି ଯାଉଛନ୍ତି । ତା' ପରେ ପାଲଟିଯାଉଛନ୍ତି ଅପରାଧୀ । ଧାର କରଜ ସୁଝିବା ପାଇଁ ବ୍ୟାଙ୍କ ଡକାୟତି , ଚୋରୀ ଓ ଚେନ୍ ଲୁଟ୍ ଭଳି ଅପରାଧରେ ସଂପୃକ୍ତ ରହୁଛନ୍ତି ଅପରାଧୀ । ବରଗଡରେ ଏକ ବ୍ୟାଙ୍କ ଡକାୟତିରେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କଲା ସମୟରେ, ଡାକୟତି ପଛର କାରଣ କହିଥିଲେ ଆଇ.ଜି । ଗିରଫ ପାଂଚଜଣ ଡକାୟତ, ଅଭ୍ୟାସଗତ ଡକାୟତ ନଥିଲେ । ଅନଲାଇନ ଗେମ୍ ଖେଳି, ୧୨ ଲକ୍ଷ ଟଙ୍କା ହାରିବା ପରେ, ଟଙ୍କା ପରିଶୋଧ ପାଇଁ ବ୍ୟାଙ୍କ ଲୁଟର ଉଦ୍ୟମ କରିଥିଲେ । ବରଗଡ ପୋଲିସ ତଦନ୍ତ କରି ଡକାୟତଙ୍କୁ କାବୁ କରିଥିଲା । ସେମାନଙ୍କ ପାଖରୁ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି , ମାରଣାସ୍ତ୍ର ଓ ଦୁଇଟି ନକଲି ବନ୍ଧୁକ ଜବତ କରି ପାଂଚ ଜଣ ଯୁବକଙ୍କୁ ବ୍ୟାଙ୍କ ଡକାୟତି ମାମଲାରେ କୋର୍ଟ ଚାଲାଣ କରିଛି ବରଗଡ ପୋଲିସ । ଅନଲାଇନ ଗେମ୍‌ରୁ ପ୍ରଥମେ ଆର୍ଥିକ ଅପରାଧ, ସାଇବର କ୍ରାଇମର ଶିକାର ହେଲା ପରେ, ଯୁବକମାନେ ଅପରାଧି ପାଲଟିଯାଉଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ମତ । କେବଳ ବରଗଡରେ ନୁହେଁ, ବଲାଙ୍ଗିରରେ ବି ଅନଲାଇନ୍‌ରୁ ଅପରାଧୀ ପାଲଟିବାର ନଜିର କମ ନାହିଁ । ଗୋଟିଏ ମାସ ତଳେ, ବଂଗୋମୁଣ୍ଡା ପୋଷ୍ଟ ଅଫିସରେ ଟଙ୍କା ହଡପ ଘଟଣାକୁ ନେଇ ତଦନ୍ତ କରିଥିଲା ପୋଲିସ । ତଦନ୍ତ ରିପୋର୍ଟରେ ଅନଲାଇନ୍ ଗେମ୍‌ରୁ ଅପରାଧ କରିଥିଲେ । ପୋଷ୍ଟ ଅଫିସରେ କାର୍ଯ୍ୟରତ ପୋଷ୍ଟାଲ ଆସିଷ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ଭୋଇ ଏବଂ ସବ-ପୋଷ୍ଟ ମାଷ୍ଟର ଅଭିମନ୍ୟୁ ଛତ୍ରିଆ ୬୦ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ । ତଦନ୍ତରୁ ସ୍ପଷ୍ଟ ହୋଇଥିଲା ପ୍ରଥମେ ଅନଲାଇନ ଗେମ୍‌ରେ ଟଙ୍କା ଲଗାଇଥିଲେ । ଆଜି ହେବ କାଲି ହେବ କହି ବାରବାର ଅନଲାଇନ ଗେମ୍‌ରେ ଟଙ୍କା ଲଗାଉଥିଲେ ଦୁଇ କର୍ମଚାରୀ । ପୋଷ୍ଟ ଅଫିସକୁ ଟଙ୍କା ଡିପୋଜିଟ କରିବାକୁ ଆସୁଥିବା ଗ୍ରାହକଙ୍କ ଟଙ୍କାକୁ ଅନଲାଇନ ଗେମରେ ଲଗାଉଥିଲେ ଉଭୟ କର୍ମଚାରୀ । ପାଖାପାଖି ୬୦ ଲକ୍ଷ ଟଙ୍କା ପୋଷ୍ଟ ଅଫିସରେ ଡିପୋଜିଟ ନହେବା ପରେ ପ୍ରଘଟ ହୋଇଥିଲା କଥା । ସାମ୍ନାକୁ ଆସିଲା ସାଂଘାତିକ ତଥ୍ୟ । ଅନଲାଇନ ଗେମରେ ନିଜ ଟଙ୍କା ତକ ସରିଗଲା ପରେ, ପୋଷ୍ଟ ଅଫିସରୁ ଫନ୍ଦିଫିକର କରି ଅନଲାଇନ ଗେମରେ ବିଭାଗୀୟ ଟଙ୍କା ଲଗାଇଥିଲେ ଦୁଇ କର୍ମଚାରୀ । କେବଳ ଗୋଟିଏ ଘଟଣା ନୁହେଁ, ଏଭଳି ଅନେକ ଘଟଣାରେ ଏବେ ଯୁବ ସମାଜ ଫଶିଥିବା କହିଛନ୍ତି ବଲାଙ୍ଗିର ଏସ୍.ପି । ସେଥିପାଇଁ ଜିଲ୍ଲାର ବିଭିନ୍ନ ଅଂଚଳରେ ବୁଲୁଛି ସଚେତନତା ରଥ । କିନ୍ତୁ ଅନଲାଇନ ଗେମ୍ ?ରୁ ଯୁବକ ଅପରାଧି ହେଉଥିବାରୁ, ଅନଲାଇନ ଗେମ୍‌ର ଆଇନଗତ ଦିଗ ପ୍ରତି ତଦନ୍ତ କରୁଥିବା କହିଛନ୍ତି ଉତ୍ତରାଂଚଳ ଆଇ.ଜି ।

## ଜମି ସମସ୍ୟାରେ ଛନ୍ଦିହୋଇଛନ୍ତି ୨୦ ହଜାର ଲୋକ



ଯାଜପୁର,୧୨।୧୨: ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ତହସିଲ ସମେତ ଦାନଗଦି ଓ ସୁକିନ୍ଦା ତହସିଲ ଅଞ୍ଚଳର ୩୬ଟି ରାଜସ୍ୱ ଗ୍ରାମର ପ୍ରଜା ଜମି ସମସ୍ୟାରେ ଛନ୍ଦି ହୋଇଛନ୍ତି। ଜମି ଥାଇ ବି ପ୍ରଜା ଏଠାରେ ଭୂମିହୀନ ଭଳି ଜୀବନ ଅତିବାହିତ କରୁଛନ୍ତି। ପ୍ରାୟ ୧୦ ବର୍ଷ ହେବ ପଟ୍ଟା ପାଇଁ ସେମାନେ ବାରଦୁଆର ହେଉଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ଏହାର ତ୍ୱରିତ ସମାଧାନ ପାଇଁ କୋରେଇ ବିଧାୟକ ଆକାଶ ଦାସନାୟକ ତପତ୍ରତା ପ୍ରକାଶ କରିଛନ୍ତି । ଯାଜପୁର ଉପଜିଲାପାଳଙ୍କ କୋର୍ଟରେ ଶତାଧିକ ଜମିଜମା ସମ୍ବନ୍ଧୀୟ ମାମଲା ପଡ଼ିରହିଛି। ଏହି ୩ ତହସିଲ ଅଧୀନରେ ବହୁ ଗରିବ ଏବଂ ଆଦିବାସୀ ଶ୍ରେଣୀର ଲୋକ ବାସ କରୁଛନ୍ତି। ଫଳରେ ଜମି ସମସ୍ୟାର ସମାଧାନ ପାଇଁ ୫୦ ରୁ ୭୦ କିମି ଦୂର ଯାଜପୁରକୁ ଦୌଡ଼ିଦୌଡ଼ି ନୟାନ୍ତ ହୋଇସାରିଛନ୍ତି। ତେଣୁ ଯାଜପୁର ରୋଡ୍‌ଠାରେ ୩ ଦିନିଆ କ୍ୟାମ୍ପ କୋର୍ଟ ଖୋଲିଲେ ଲୋକମାନେ ବହୁତ ଉପକୃତ ହେବେ ବୋଲି ବିଧାୟକ ଆକାଶ ରାଜସ୍ୱ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀଙ୍କୁ ଚିଠି ଲେଖିଛନ୍ତି। ଅଭିଯୋଗ ଅନୁଯାୟୀ ବ୍ୟାସନଗର ତହସିଲ ଅନ୍ତର୍ଗତ ଚୋର୍ଦ୍ଦା, ରମ୍ଭାସ, ମୁଣ୍ଡମାଳ ଓ ଉମାପଦା ମୌଜାର ପ୍ରଜାମାନଙ୍କ ଉପରେ କରାଯାଇଥିବା ଓଡ଼ିଶା ସର୍ଭେ ଆଣ୍ଡ୍ ସେଟଲମେଣ୍ଟ (ଓଏସ୍ଏସ୍) ମାମଲା ପ୍ରତ୍ୟାହାର କରିବାକୁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ୧୯୮୨ର ସେଟଲମେଣ୍ଟ ଅପରେଶନ ପରଠାରୁ ୨୦୦୯ ମଧ୍ୟରେ ଏହି ସ୍ୱୀକୃତିପ୍ରାପ୍ତ ପ୍ରଜାମାନେ ଯେଉଁ ବ୍ୟକ୍ତିବିଶେଷଙ୍କୁ ବିକ୍ରି କବଲା ସୂତ୍ରେ ଜମି ବିକ୍ରି କରିଛନ୍ତି, ସେମାନଙ୍କୁ ମଧ୍ୟ ସରକାର ସ୍ଥାୟୀ ପ୍ରଜାଭାବେ ଗ୍ରହଣ କରି ସମସ୍ତଙ୍କୁ ନଟ୍-ଫାଇନାଲ ପଟ୍ଟା ପ୍ରଦାନ କରିଛନ୍ତି। ଏହାସହ ମୁଣ୍ଡମାଳ ମୌଜାର ୨୨୩ ଓ ୯୭ ନମ୍ବର ଖାତାଭୁକ୍ତ କିଛି ଜମି କୋପଣ୍ଡ ଓ ବୀରମଣିପୁରକୁ ସ୍ଥାନାନ୍ତରି ହୋଇଛି। ସେହି ପ୍ରଜାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। କିନ୍ତୁ ବିଡମ୍ବନା ଯେ, ୨୨୩ ଓ ୯୭ ଖାତାର ମୂଳ ଜମାବନ୍ଦୀଭୁକ୍ତ ପ୍ରଜାମାନଙ୍କ ନାମରେ ସରକାର ୨୦୦୯ରୁ ୫ଟି ଜଙ୍ଗଲ କିସମ ଦର୍ଶାଇ ଓଏସ୍ଏସ୍ ମାମଲା ରୁଜୁ କରି ପ୍ରଜାମାନଙ୍କୁ ହଇରାଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଜିଲାପାଳ ତଦନ୍ତ କରି ରିପୋର୍ଟ ଦାଖଲ କରି ସାରିଥିଲେ ହେଁ ଜମି ସମସ୍ୟାର ସମାଧାନ ହୋଇପାରିନାହିଁ। ବୋର୍ଡ ଅଫ ରେଭିନ୍ୟୁଙ୍କ ନିର୍ଦ୍ଦେଶ ମଧ୍ୟ ଏଠାରେ ଅକାମୀ ହୋଇ ପଡ଼ିରହିଛି। ୨୦୧୭ରେ ବିଧାନସଭାର ଏକ ଉଚ୍ଚସ୍ତରୀୟ କମିଟି ଏହି ଜମି ସମସ୍ୟା ଉପରେ ୩ ଥର ଭେରିଫିକେସନ କରି ଜିଲାପାଳଙ୍କୁ ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏଯାଏ ଲୋକଙ୍କୁ ସୁଫଳ ମିଳି ପାରିନାହିଁ। ଖଣି, ଶିଳ୍ପ ସମୃଦ୍ଧ ଦାନଗଦି ଓ ସୁକିନ୍ଦା ତହସିଲ ଅଞ୍ଚଳରେ କେତେକ ସଂସ୍ଥା ସରକାରଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରି ଇଡ୍‌କୋ ଜରିଆରେ ଶତାଧିକ ଏକର ଜମି ହାତେଇ ସାରିଛନ୍ତି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରାୟ ୨୯ଟି ରାଜସ୍ୱ ମୌଜାକୁ ପାଖାପାଖି ୧୦୦ ବର୍ଷ ହେବ ସରକାର ଭୂବନ୍ଦୋବସ୍ତରୁ ବଞ୍ଚିତ ରଖିଛନ୍ତି। ଏଥିରୁ ସାଧାରଣ ଲୋକ ତଥା ବିସ୍ଥାପିତଙ୍କୁ ଅଣଦେଖା କରାଯାଉଥିବା ମନେହେଉଛି। ଫଳରେ ଲୋକେ ଶହଶହ ବର୍ଷ ଦଖଲରେ ଥିବା ଜମିର ମାଲିକାନା ସ୍ୱତ୍ୱ ପାଇପାରିନାହାନ୍ତି। ଅଭିଯୋଗ ଅନୁସାରେ ଜମି ପଟ୍ଟା ନ ଥିବାରୁ କୃଷକମାନଙ୍କୁ ଉଚିତ ଥଇଥାନ ମିଳୁନାହିଁ। ଏହାସହ ନିଯୁକ୍ତି ସମୟରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ପାତରଅନ୍ତର ନୀତି ଅବଲମ୍ବନ କରୁଛନ୍ତି। ତେଣୁ ବିଧାୟକ ଆକାଶଙ୍କ ପତ୍ର ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଗଲେ ଲକ୍ଷାଧିକ ପ୍ରଜା ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଉଛି।

## ଲଘୁ ଖଣିଜ ଲୁଟକୁ ନିୟନ୍ତ୍ରଣ କରିବ ସ୍ୱତନ୍ତ୍ର ସ୍କ୍ୱାଡ୍



ବରୀ,୧୨।୧୨: ବରୀ ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନରେ ବିଳମ୍ବ ହେଉଛି। ଫଳରେ ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଶିକ୍ଷା ମଣ୍ଡଳ ଅଧୀନରେ ମୋଟ ୧୮୨ ବିଦ୍ୟାଳୟର ଛାତ୍ରୀଛାତ୍ର ପୋଷାକ ପାଇବାର ହକଦାର ଥିଲେ ମଧ୍ୟ ଶୁକ୍ରବାର ସୁଦ୍ଧା ୭୦ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି ବୋଲି ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜଳଧର ଖଟୁଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପୋଷାକ କିଣା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଇଛି। ମାତ୍ର ସେମାନେ ସରକାରଙ୍କ ଧାର୍ଯ୍ୟ ଦରଠାରୁ କମ ମୂଲ୍ୟରେ ପୋଷାକ କିଣି ଛାତ୍ରୀଛାତ୍ରଙ୍କୁ ଦେଉଥିବାରୁ ବହୁ ଅଭିଭାବକ ଏହାକୁ ବିରୋଧ କରୁଛନ୍ତି। ଉଦାହରଣ ସ୍ୱରୂପ ଈଶାଣେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୭ ଛାତ୍ର ଓ ୯୦ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ବଣ୍ଟନ କରିବାକୁ ଯିବାବେଳେ ବହୁ ଅଭିଭାବକ ଓ ଗ୍ରାମବାସୀ ସେମାନଙ୍କୁ ଫେରାଇ ଦେଇଛନ୍ତି। ଏପରି କି ପୋଷାକ ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି କେତେଜଣ ଅଭିଭାବକ ଅଭିଯୋଗ କରିବା ସହ ଏହାର ତଦନ୍ତ କରିଛନ୍ତି।

## ସୁନ୍ଦରଗଡରେ ଚାଞ୍ଚଲ୍ୟ
### ଗର୍ଭବତୀଙ୍କୁ ଗୁଳି ମାରିଦେଲେ



ବଣାଇଁ,୧୨।୧୨: ସୁନ୍ଦରଗଡ ଜିଲା ବଣାଇର ଟିକାୟତପାଲି ଥାନା ଝିର୍ଡାପାଲିରେ ଘଟିଯାଇଛି ଅଭାବନୀୟ ଘଟଣା। ସେଠାରେ ଜଣେ ଗର୍ଭବତୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବୁଧବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କୁ ଗୁଳି କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସଭିଏଁ ଲୁଟ୍ ଉଦ୍ଦେଶ୍ୟରେ ବୋଲି ଭାବୁଥିଲେ ହେଁ ଏହା ଅନ୍ୟ ଏକ ଦିଗ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଘଟଣା ଅନୁଯାୟୀ, ଟିକାୟତପାଲି ଥାନା ଅନ୍ତର୍ଗତ ଝିର୍ଡାପାଲି ଗାଁରେ ଦେବେନ ବେହେରା ଓ ତାଙ୍କ ସ୍ତ୍ରୀ ଶୋଇଥିଲେ। ବିଳମ୍ବିତ ରାତିରେ ଶୌଚ ହେବା ପାଇଁ ଦେବେନଙ୍କ ସ୍ତ୍ରୀ ସୋମ୍ୟାମୟୀ ବାହାରିବା ସମୟରେ କେହି ମୁଖ୍ୟ ଦ୍ୱାରରେ କବାଟ ବାଡେଇବା ଶବ୍ଦ ଶୁଣି କବାଟ ଖୋଲିଥିଲେ । ପରେ ତାଙ୍କ ଚିତ୍କାର ଓ ଗୁଳି ଫୁଟିବା ଶବ୍ଦ ଶୁଣି ଦେବେନ ବାହାରକୁ ଆସିଥିଲେ। ବାହାରକୁ ଆସି ଦେଖିଲାବେଳକୁ ସୋମ୍ୟା ତଳେ ପଡି ଛଟପଟ ହେବା ସହ ପ୍ରବଳ ରକ୍ତସ୍ରାବ ହେଉଛି। ଏହା ଦେଖି ସେ ପାଖ ପଡୋଶୀଙ୍କୁ ଡାକିଥିଲେ। ପରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଁଞ୍ଚିବା ବେଳକୁ ସୋମ୍ୟାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ନିଆ ସାରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଦେଖି ତାଙ୍କ ସ୍ୱାମୀ ଅତ୍ୟନ୍ତ ମର୍ମାହତ ଅଛନ୍ତି। ତେଣୁ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି। ମୃତା ମହିଳା ୭ ମାସର ଗର୍ଭବତୀ ଥିଲେ ଓ ଏହା ତାଙ୍କର ପ୍ରଥମ ଗର୍ଭ ଥିଲା । ସୋମ୍ୟାଙ୍କ ବାପଘର ଛେଣ୍ଡିପଦା ଓ ସେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସମ୍ପର୍କୀୟା ଭଉଣୀ ବୋଲି ଜଣାପଡିଛି। ଘଟଣା କ୍ରମେ ପୋଲିସ ରାଉରକେଲାରୁ ସାଇଣ୍ଟିଫିକ ଟିମ୍‌ର ସହାୟତା ଲୋଡିଛି।

## ଭାରତୀୟ ଭାଷା ଉତ୍ସବ ପାଳିତ



ପିପିଲି: ମହାନ କବି ସୁବ୍ରମାନିଆ ଭାରତୀଙ୍କ ଜନ୍ମ ଜୟନ୍ତୀ ଅବସରରେ ପିପିଲି ବ୍ଲକ ଗୋବିନ୍ଦପୁର କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ମାନଙ୍କରେ 'ଭାରତୀୟ ଭାଷା ଉତ୍ସବ' ପାଳିତ ହୋଇଯାଇଛି। ସିଆରସିସି ଚିନ୍ତାମଣି ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋବିନ୍ଦପୁର ଓଡିଶା ଆଦର୍ଶ ବିଦ୍ୟାଳୟ, ଶିଉଳା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ଆରୁହା ଯୁଜିୟୁପି ସ୍କୁଲ, ହରିଅନ୍ତା ପିୟୁପି ସ୍କୁଲ, ଅଡଙ୍ଗପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ, କୁଞ୍ଜର ପ୍ରାଥମିକ ବିଦ୍ୟାଳୟ, ତଲଉ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ସଙ୍ଗଲାଇଶାସନ ନୀଳକଣ୍ଠ ନୋଡାଲ ୟୁପି ସ୍କୁଲ ସମେତ ସମସ୍ତ ବିଦ୍ୟାଳୟରେ ଏହି ଅବସରରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସୁବ୍ରମାନିଆ ଭାରତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନୀ, ସୃଜନଶୀଳତା ଓ ଭାଷା ପ୍ରତି ଅବଦାନ ସମ୍ବନ୍ଧରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଭାରତୀୟ ଭାଷାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଂଗୀତ, ବକ୍ତୃତା, ଅଭିନୟ, ଗଳ୍ପ କଥନ, ସ୍ଲୋଗାନ ଲେଖା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବିନା ଶିକ୍ଷକ ନିଯୁକ୍ତିରେ ସ୍କୁଲ ଅପଗ୍ରେଡେସନ
### ୫ ବର୍ଷ ହେବ ନାହାନ୍ତି ଶିକ୍ଷକ



ଝରିଗାଁ,୧୨/୧୨: ବିନା ଶିକ୍ଷକ ନିଯୁକ୍ତିରେ ୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ମାନ୍ୟତା ଦିଆଯାଇଛି। କିନ୍ତୁ ୫ବର୍ଷ ପରେ ମଧ୍ୟ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ନିମନ୍ତେ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନି। ଏଭଳି ପରିସ୍ଥିତିରେ ଦଶମ ଶ୍ରେଣୀ ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ତାରାକନାଡି, ମଙ୍ଗରଚଚରା ଏବଂ ଇଚ୍ଛାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ୨୦୧୯-୨୦ ଶିକ୍ଷାବର୍ଷରେ ଉନ୍ନୀତ ଉଚ୍ଚବିଦ୍ୟାଳୟର ମାନ୍ୟତା ଦିଆଯାଇଥିଲା। ଏହାପରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପର୍ଯ୍ୟାୟକ୍ରମେ ଏହି ୩ଟି ବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ ଏହି ୩ଟି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କୌଣସି ଶିକ୍ଷକଙ୍କୁ ନିଯୁକ୍ତ କରାଯାଇନି। ତେଣୁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପଢ଼ାଉଛନ୍ତି। ଦୁଇ ମାସ ପରେ ମାଟ୍ରିକ ବୋର୍ଡ ପରୀକ୍ଷା ଥିବା ବେଳେ ତାରାକନାଡ଼ି ଉନ୍ନୀତ ଉଚ୍ଚବିଦ୍ୟାଳୟର ୪୨ ଜଣ, ମଙ୍ଗରଚଚରା ଉନ୍ନୀତ ଉଚ୍ଚବିଦ୍ୟାଳୟର ୪୭ ଜଣ ଏବଂ ଇଚ୍ଛାପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୩୦ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ଏହି ୩ଟି ବିଦ୍ୟାଳୟକୁ ୨୦୨୩-୨୪ ଶିକ୍ଷାବର୍ଷରେ ୫-ଟି ମାନ୍ୟତା ଦିଆଯାଇଥିଲା। କିନ୍ତୁ ୫-ଟି ଅଧୀନସ୍ଥ ନୂତନ ବିଦ୍ୟାଳୟ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିଥିବାରୁ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦୟନୀୟ ଅବସ୍ଥାରେ ପଢୁଛନ୍ତି। ତାରାକନାଡ଼ି ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୩୪୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦ ଜଣ ଛାତ୍ର ହଷ୍ଟେଲରେ ରହୁଛନ୍ତି। ବିଦ୍ୟାଳୟର ୮ଟି ଶ୍ରେଣୀଗୃହ ମଧ୍ୟରୁ ୨ଟି ଆଜବେଷ୍ଟସ୍ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଅନ୍ୟ ୬ଟି ଶେଣୀଗୃହ ମଧ୍ୟରୁ ୩ଟି ଗୃହର ଝରକା ଭଙ୍ଗାରୁଜା ଅବସ୍ଥାରେ ରହିଛି। ଅନ୍ୟପଟେ ନୂତନ ହଷ୍ଟେଲ କୋଠା ନିର୍ମାଣ ପାଇଁ ମାସେ ତଳେ ପୁରୁଣା ହଷ୍ଟେଲକୁ ଭାଙ୍ଗି ଦିଆଯାଇଛି। ଫଳରେ ଦିନରେ ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ବେଳେ ରାତିରେ ହଷ୍ଟେଲ ଚାଲିଛି। ବିଦ୍ୟାଳୟର ୮ଟି ଶୌଚାଳୟ ମଧ୍ୟରୁ ୬ଟି ଭାଙ୍ଗି ଦିଆଯାଇଛି। ଫଳରେ ଦୁଇଟି ଶୌଚାଳୟ ଉପରେ ସମସ୍ତ ଛାତ୍ରଛାତ୍ରୀ ନିର୍ଭର କରୁଛନ୍ତି। ବିଦ୍ୟାଳୟ ଚାରିପଟେ ପାଚେରି ନଥିବାରୁ ଛାତ୍ରଛାତ୍ରୀ ଅସୁରକ୍ଷିତ ମଣୁଛନ୍ତି। ସେହିପରି ମଙ୍ଗରାଚଚରା ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୧୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ମାତ୍ର ୭ଟି ଶ୍ରେଣୀଗୃହ ରହିଛି। କିନ୍ତୁ ବର୍ଷାଦିନେ ୩ଟି ଶ୍ରେଣୀଗୃହ ଛାତରୁ ପାଣି ଗଳୁଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି।

## ବସୁଧା ଯୋଜନା ବାଟବଣା
### କାର୍ଯ୍ୟଶେଷ ପରେ ବି ମିଳିପାରୁନି ଟୋପାଏ ପାଣି



ଫୁଲବାଣୀ,୧୨/୧୨: ରାଜ୍ୟ ସରକାର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ଲୋକେ ପାଣି ଟୋପାଏ ନ ପାଇ ପ୍ରକଳ୍ପ ଖତ ଖାଉଛି। ଠିକାଦାର ହେଉ କି ସ୍ଥାନୀୟ ପ୍ରଶାସନର ଅବହେଳା ପାଇଁ ଜନସାଧାରଣ ଯୋଜନାର ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କାଶିନିପଦର ପଞ୍ଚାୟତର ଶାସିପଦର ଏବଂ ବରେବାଟା ଗାଁରେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାର ଦ୍ୱାରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଫୁଲବାଣୀ ଅଧିନରେ ୨୦୨୦ ମସିହାରେ କାଶିନିପଦର ପଞ୍ଚାୟତ ବରେବାଟାଠାରେ ୫୯ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟରେ ବସୁଧା ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ବରେବାଟା ଓ ଶାଶିପଦର ୨ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ରହିଛି। ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ ଓ ବରେବାଟା ଗ୍ରାମର ପ୍ରତ୍ୟେକ ଘରକୁ ଜଳଯୋଗାଣ ପାଇଁ ପାଇପ୍ ଏବଂ ଟ୍ୟାପ୍ ସଂଯୋଗ ସମ୍ପୂର୍ଣ୍ଣ ହୋଇଛି। ଶାଶିପଦର ଗ୍ରାମର କିଛି ଘରକୁ ପାଇପ୍ ଏବଂ ଟ୍ୟାପ୍ ସଂଯୋଗ ହେଇଥିବାବେଳେ କିଛି ଘରକୁ କୌଣସି ପାଇପ କିମ୍ବା କୌଣସି ଟ୍ୟାପ ସଂଯୋଗ କରାଯାଇନାହିଁ। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୪ ବର୍ଷ ବିତି ଯାଇଥିଲେ ମଧ୍ୟ ୨ ଗ୍ରାମର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ପରିବାରକୁ ଏ ପର୍ଯ୍ୟନ୍ତ ପାଣି ଟୋପାଏ ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଫୁଲବାଣୀ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସମ୍ବାରୀୟା ବେହେରାଙ୍କୁ ଫୋନ କଲେ ମଧ୍ୟ କିଛି ଶୁଣୁ ନଥିବା କହିଛନ୍ତି ଗ୍ରାମବାସୀ। କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଆଜି ଦୁଇ ଗ୍ରାମବାସୀ ବସୁଧା ପ୍ରକଳ୍ପର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି, ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମୂହ ଗ୍ରାମମାନଙ୍କରେ ସଂଯୋଗ ହୋଇନଥିବା ଘରମାନଙ୍କୁ ପାଇପ୍ ଲାଇନ୍ ସଂଯୋଗ କରି ଷ୍ଟାଣ୍ଡପୋଷ୍ଟ ତିଆରି କରିବା ସହିତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରସାଶନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାନୀୟ ଜଳ ଯୋଗାଇ ନ ଦିଅନ୍ତି ତେବେ ବାଧ୍ୟ ହୋଇ ଗ୍ରାମର ସୁନାସିର ଦିଗାଲ, ବିନୋଦ ଦିଗାଲ, ବିରୁପାକ୍ଷ କହଁର, କିନେଶ୍ୱର କହଁର, ରାଘବ ବିନ୍ଧାଣି, ସନ୍ତୋଷ ପ୍ରଧାନଙ୍କ ସହ ସମସ୍ତ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ପାଣି ସମସ୍ୟା ରହିଛି, ଲୋକଙ୍କ ସହ ଆଲୋଚନା କରି କିଭଳି ପାଣି ପାଇପାରିବେ ତାର ସମାଧାନ ସହ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସମ୍ବାରିୟା ବେହେରାଙ୍କୁ ପଚାରିବାରୁ ତିଆରି ହୋଇଥିବା କୂଅରୁ ପାଣି ମିଳି ପାରୁନାହିଁ, ଅନ୍ୟ ଏକ ଜାଗାରେ ବୋରିଂ କରାଯାଇଛି ଓ ଖୁବ୍ କମ୍ ଦିନ ଭିତରେ ପାଣି ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସ୍ୱାଭିମାନ ଅଂଚଳ: ଅଣ୍ଡ୍ରାପାଲୀବାସୀଙ୍କ ପାଇଁ ଆଜି ବି ଡଂଗା ହିଁ ଭରସା



ମାଲକାନଗିରି,୧୨/୧୨: ସ୍ୱାଭିମାନ ଅଂଚଳ କହିଲେ ନକ୍ସଲଙ୍କ ଗଡ଼ ଏବଂ ବାହ୍ୟ ଜଗତର ବିଚ୍ଛିନ୍ନ ଥିବା ଅଂଚଳକୁ ବୁଝାଇଥାଏ। କିନ୍ତୁ ୨୦୧୮ ଜୁଲାଇ ୨୬ ପରେ ଏହି ଅଂଚଳର ବିକାଶ ଦ୍ରୁତଗତିରେ ଆରମ୍ଭ ହୋଇଥିଲା। ଗାଁକୁ ପକ୍କା ରାସ୍ତା ସହ ପାନୀୟ ଜଳ, ମୋବାଇଲ ଟାୱାର, ଶିକ୍ଷା,ସ୍ୱାସ୍ଥ୍ୟ ସେବା ଇତ୍ୟାଦି ପହଞ୍ଚି ଥିଲା। ଏପରିକି ଏହି ଅଂଚଳକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଚ୍ଛିନ୍ନାଞ୍ଚଳ ସ୍ଥାନରେ ସ୍ୱାଭିମାନ ଅଂଚଳ ବୋଲି ଘୋଷଣା ମଧ୍ୟ କଲେ। ଏହି ସ୍ୱାଭିମାନ ଅଂଚଳରେ ୯ଟି ପଞ୍ଚାୟତ ସହ ମୋଟ ୧୫୧ଟି ଗ୍ରାମ ରହିଛି। ଆଜି ବି ସବୁ ଗ୍ରାମକୁ ପକ୍କା ରାସ୍ତା ହୋଇପାରି ନାହିଁ। କିଛି ପଞ୍ଚାୟତକୁ ଛାଡ଼ି ଦେଲେ ଅନ୍ୟ ପଞ୍ଚାୟତକୁ ଆଜି ଡଙ୍ଗା କିମ୍ବା ବୋଟ୍ ହିଁ ସାହାରା ପାଲଟିଛି। ରାସ୍ତା ନଥିବାରୁ ସରକାରଙ୍କର କୌଣସି ଯୋଜନା ସେଠାରେ ପହଞ୍ଚିବା ମୁସକିଲ ହୋଇପଡ଼ିଛି। ପୁଣି ନକ୍ସଲଙ୍କର ଭୟ ଏବେ ବି ଲୋକ ସହ ସରକାରୀ ବାବୁମାନଙ୍କ ନିକଟରେ ରହିଛି। ଦୁର୍ଗମ ଅଂଚଳ ହୋଇଥିବାରୁ କୌଣସି ମୁହର୍ତ୍ତରେ କିଛି ବି ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଯଦିଓ ବିଏସଏଫ କ୍ୟାମ୍ପ ଏହି ଅଂଚଳରେ ଅବସ୍ଥାପିତ କରାଯାଇଛି କିନ୍ତୁ ପାଦପାଦକେ ବିପଦ ମଧ୍ୟ ରହିଛି। ତେବେ ସ୍ୱାଭିମାନ ଅଂଚଳର ସବୁଠାରୁ ଦୁରରେ ଏବଂ ସୀମାନ୍ତ ଆନ୍ଧ୍ରପ୍ରଦେଶକୁ ଲାଗି ରହିଥିବା ଯନ୍ତ୍ରୀ ଏବଂ ଅଣ୍ଡ୍ରାପାଲୀ ପଞ୍ଚାୟତକୁ ଆଜି ବୋଲେ ଡଙ୍ଗା ଏବଂ ବୋଟରେ ହିଁ ଯିବା ଆସିବା କରିଥାନ୍ତି। ଚିତ୍ରକୋଣ୍ଡାରୁ ପଣସପୁଟ ପର୍ଯ୍ୟନ୍ତ ରାସ୍ତା ରହିଥିବା ବେଳେ ସରକାରୀ ବସ ଯିବା ଆସିବା କରୁଛି। କିନ୍ତୁ ସେଠାରୁ ଅନ୍ୟ ପଞ୍ଚାୟତକୁ ଆଉ ରାସ୍ତା ନଥିବାରୁ ବସ ଚଳାଚଳ ହୋଇପାରୁନଥିବା ଦେଖିବାକୁ ମିଳିଛି। ଯନ୍ତ୍ରୀ ଯିବାକୁ ହେଲେ ଘନବେଡାରୁ ପ୍ରାୟ ୨୫ କିଲୋମିଟର ବୋଟ କିମ୍ବା ଦେଶୀ ଡଂଗାରେ ହିଁ ଯିବାକୁ ପଡୁଛି। ଯଦି ଚିତ୍ରକୋଣ୍ଡାର ସ୍ୱିଲ୍ୱେରୁ ଯନ୍ତ୍ରୀକୁ ଯିବେ ତେବେ ପ୍ରାୟ ୮୦ କିଲୋମିଟର ବାଟ ପଡିବ। ଡଂଗାରେ ପ୍ରାୟ ୫ରୁ ୬ ଘଣ୍ଟା ସମୟ ଲାଗିବ। ସରକାର ସ୍ୱାଭିମାନ ଅଂଚଳବାସୀଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ପହଞ୍ଚାଇଥିବା କହୁଥିବା ବେଳେ ଆଜି ଲୋକେ ଅତି ଦୟନୀୟ ଏବଂ ଅସୁରକ୍ଷିତ ଭାବେ ରହୁଛନ୍ତି। ଏପରିକି ସେତୁ ଯୋଜନାରେ ସରକାର ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଂକା ଖର୍ଚ୍ଚ କରିସାରିଲେଣି। କିନ୍ତୁ ବିକାଶର ଚିହ୍ନବର୍ଣ୍ଣ ସେଠାରେ ଦେଖିବାକୁ ମିଳିବ ନାହିଁ। ଲୋକେ ଆଜି ବି ଦୟନୀୟ ଜୀବନଯାପନ କରୁଛନ୍ତି। ସରକାର ଯେତିକି ଟଂକା ବିଭିନ୍ନ ବିଭାଗକୁ ନେଇ ଖର୍ଚ୍ଚ କରିଛନ୍ତି ସେଥିରେ ଲୋକଙ୍କର କେତେ ଯେ ବିକାଶ ହୋଇଥାନ୍ତା,କିନ୍ତୁ ବିଭାଗୀୟ ଅଧିକାରଙ୍କର ଖାମଖିଆଲି ମନଭାବ ଯୋଗୁଁ ଅଂଚଳ ଗୁରୁପ୍ରିୟା ସେତୁ ନିର୍ମାଣ ପୂର୍ବରୁ ଯେମିତି ଥିଲା ଆଜି ବି ସେମିତି ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ସରକାର ବଦଳି ଥିବା ବେଳେ ଏହି ସରକାର ଅଂଚଳବାସୀଙ୍କ ଭାଗ୍ୟ କେବେ ବଦଳାଉଛନ୍ତି ଦେଖିବାକୁ ବାକି ରହିଲା।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ